# କଣାସ ପଞ୍ଚାୟତ ସମିତି ଆଗରେ ବିଜେଡିର ଗଣବିକ୍ଷୋଭ

କଣାସ,୧୭।୧୨(ସମିସ)

ପୁରୀ ଜିଲ୍ଲା ବିଜେଡି ସଭାପତି ତଥା ସତ୍ୟବାଦୀ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ସଂଯୋଜନାରେ ଆଜି କଣାସ ପଞ୍ଚାୟତ ସମିତି ସମ୍ମୁଖରେ ବିଜେଡି ପକ୍ଷରୁ ଗଣ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଛି। ଏହି ଅବସରରେ ଦୋକନ୍ଦା ମେଳଣ ପଡ଼ିଆଠାରୁ ଏକ ଶୋଭାଯାତ୍ରା ବାହାରି କଣାସ ଗୋଲାବଜାର, ବସଷ୍ଟାଣ୍ଡ, କୁଞ୍ଜେଶ୍ୱରୀ ଛକ, ବାଲିଘାଇ ଛକ ଦେଇ ପଞ୍ଚାୟତ ସମିତି ସମ୍ମୁଖରେ ଗଣ ବିକ୍ଷୋଭ ଓ ପ୍ରତିବାଦ ସଭା କରିଥିଲେ। ଏହି ସଭାରେ ବ୍ଲକ୍ ବିଜେଡି ସଭାପତି ସୁରେଶ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଗଣ ବିକ୍ଷୋଭରେ ପୁରୀ ଜିଲ୍ଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟଙ୍କ ସମେତ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା, ଦୋକନ୍ଦା ସରପଞ୍ଚ ଈଶ୍ୱର ହରିଚନ୍ଦନ, ବଡ଼ାଲର ଧନେଶ୍ୱର ଲେଙ୍କା, ଦେଇପୁର ସମିତି ସଭ୍ୟ ଓ କେତେକ ଲୋକପ୍ରତିନିଧି ସାମିଲ୍ ହୋଇଥିଲେ। ଏହି ଅବସରରେ ବର୍ତ୍ତମାନର ସରକାର ପୂର୍ବ ସରକାରଙ୍କ ଯୋଜନା ଉପରେ ରଙ୍ଗ ବୋଳି କାର୍ଯ୍ୟ କରୁଥିବା ବିଜେଡି ନେତାମାନେ କହିଥିଲେ। ସେହିପରି କଣାସ ବ୍ଲକର ସରକାରୀ କର୍ମଚାରୀମାନେ ଶାସକ ଦଳର କର୍ମୀମାନଙ୍କୁ ଶୁଭ ଦୃଷ୍ଟିରେ ଦେଖୁଥିବାବେଳେ ବିଜେଡି କର୍ମୀ ଓ ଲୋକପ୍ରତିନିଧିଙ୍କ କାର୍ଯ୍ୟ କରୁନଥିବା ଅଭିଯୋଗ କରିଥିଲେ।




ବିଜେଡି କର୍ମୀମାନଙ୍କୁ ନୂତନ କାର୍ଯ୍ୟାଦେଶ ଦେଉ ନ ଥିବା ବିଜେଡି କର୍ମୀମାନେ ପୂର୍ବରୁ ଯେଉଁ କାର୍ଯ୍ୟାଦେଶ ନେଇ କାର୍ଯ୍ୟ କରିଥିଲେ ସେମାନଙ୍କର ପ୍ରାପ୍ୟ ବିଭିନ୍ନ ଆଳ ଦେଖାଇ ସରକାରୀ କର୍ମଚାରୀମାନେ ଦେଉନଥିବା ଅଭିଯୋଗ ହୋଇଥିଲା। ପ୍ରତିବାଦ ସଭାରେ ଲୋକପ୍ରତିନିଧିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଉପସ୍ଥିତ ଥିବା ଉପ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଏସ୍‌ଡିପିଓ ପିପିଲି ଦେବାଶିଷ ମିଶ୍ର, କଣାସ ଥାନା ଅଧିକାରୀ ପ୍ରସନ୍ନ କୁମାର ନାୟକ, ଡେଲାଙ୍ଗ ଥାନା ଅଧିକାରୀ ଓ ପୁଲିସ ଫୋର୍ସ ଉପସ୍ଥିତ ରହିଥିଲେ।

● ହାର୍ଭେଷ୍ଟରରେ ଅମଳ ହେଉଛି ଧାନ

## ନଡ଼ା ଅଭାବରୁ ଛତୁ ଚାଷୀ ହତାଶ



ଅସ୍ତରଙ୍ଗ୧୭।୧୨(ସମିସ): ବର୍ଷ ତମାମ ଚାଷ କ୍ଷେତରେ ଚାଷୀଟିଏ ନିଜର ମୁଣ୍ଡ ଝାଳ ତୁଣ୍ଡରେ ମାରି ଧାନ ଚାଷ କରୁଛି। ତାକୁ ଅମଳ କରିବା ବେଳେ ଚାଷୀ ଭାଇମାନେ ଶ୍ରମିକ ଅଭାବରୁ ମେସିନର ସହାୟତା ନେଉଥିବାରୁ ଛଣ ରଖିବା ସମ୍ଭବ ହେଉନାହିଁ। ଏ ସମ୍ପର୍କରେ ପୀତବାସ ବିଶ୍ୱାଳ, ଅଭୟ ବିଶ୍ୱାଳ, ବନ୍ଧୁ ପରିଡ଼ା, ମାଗୁ ବେହେରା ପ୍ରମୁଖ ଚାଷୀ କହିଛନ୍ତି ଯେ ଆଗରୁ କୃଷି ଶ୍ରମିକ ଯାହା ବି ମିଳୁଥିଲେ, ଏବେ ମିଳୁନାହାନ୍ତି। ବାଧ୍ୟ ହୋଇ ମେସିନରେ ଅମଳ କରିବାକୁ ପଡୁଛି। ଅନ୍ୟପକ୍ଷରେ ଯେତିକି ଶ୍ରମିକ ମିଳୁଛନ୍ତି, ସେମାନଙ୍କ ଦ୍ୱାରା ଧାନ ଅମଳ କରିବା ଖର୍ଚ୍ଚ ମେସିନଠାରୁ ବହୁ ଅଧିକ ହେଉଛି। ଶ୍ରମିକଙ୍କ ଦ୍ୱାରା ଏକ ଏକର ଜମିରୁ ଧାନ ଅମଳ କରିବାକୁ ପ୍ରାୟ ୬ଟଙ୍କା ଖର୍ଚ୍ଚ ହେଉଥିବାବେଳେ ମେସିନରେ ମାତ୍ର ୪ହଜାର ଟଙ୍କା ଖର୍ଚ୍ଚ ହେଉଛି। ଏଥିସହ ସହଜରେ ଓ କମ୍ ସମୟରେ ଅମଳ ହୋଇପାରୁଛି। ଏହି ପରିସ୍ଥିତିରେ ଯେଉଁ ଚାଷୀ ଶ୍ରମିକ ଲଗାଇ ଉଚ୍ଚ ଦରରେ ଧାନ କାଟୁଛନ୍ତି ସେମାନେ ଏବେ ନଡ଼ା ବିଡ଼ା ହଜାରକୁ ୩ ରୁ ୫ ହଜାର ଟଙ୍କାରେ ବିକ୍ରି କରୁଛନ୍ତି। ତେଣୁ ଏତେ ଉଚ୍ଚ ଦରରେ ଛତୁ ଚାଷୀ ଛଣ କିଣି ଛତୁ ଚାଷ କରିବା ବ୍ୟୟସାପେକ୍ଷ ହେଉଛି। ତେଣୁ ଛତୁ ଚାଷ ପ୍ରତି ଆଗ୍ରହ କମି ଯାଉଛି ବୋଲି କେତେକ ଛତୁ ଚାଷୀ କହିଛନ୍ତି।

## ମାଘମେଳା ନିମନ୍ତେ ପ୍ରସ୍ତୁତି ବୈଠକ




କୋଣାର୍କ,୧୭।୧୨(ସମିସ): ଆସନ୍ତା ଜାନୁୟାରୀ ୨୫ ତାରିଖରେ ଚନ୍ଦ୍ରଭାଗା ତୀର୍ଥରେ ପୁରାଣ ପ୍ରସିଦ୍ଧ ମାଘ ସପ୍ତମୀ ବୁଡ଼ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଚଳିତବର୍ଷ ଚନ୍ଦ୍ରଭାଗା ତୀର୍ଥରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଚନ୍ଦ୍ରଭାଗା ମେଳା ପଡ଼ିଆରେ ପାନୀୟ ଜଳ ଯୋଗାଣ ନିମନ୍ତେ ୬୦ଟି ଷ୍ଟାଣ୍ଡ ପୋଷ୍ଟ, ୨ଟି ପାଣି ଟ୍ୟାଙ୍କର,୧୦୦ ଅସ୍ଥାୟୀ ଶୌଚାଳୟ, ତୀର୍ଥ ପୁଷ୍କରିଣୀ ଜଳ ନିଷ୍କାସନ ଓ ବିଶୋଧନ, ଟ୍ରାଫିକ ବ୍ୟବସ୍ଥା, ଚନ୍ଦ୍ରଭାଗା, ରାମଚଣ୍ଡୀ ଓ କୋଣାର୍କ ବସଷ୍ଟାଣ୍ଡରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ମାଘ ଷଷ୍ଠି ଓ ସପ୍ତମୀ ଦୁଇଦିନ ପରିମଳ, ଯାନବାହାନ ପାର୍କିଂ, ଆଲୋକ ବ୍ୟବସ୍ଥା, ସୂଚନା ଓ ପ୍ରସାରଣ, ଯାନବାହାନ ନିୟନ୍ତ୍ରଣ ଆଦି ବ୍ୟବସ୍ଥାକୁ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ବିଭାଗୀୟ ଅଧିକାରୀମାନେ ବୈଠକରେ ସୂଚନା ଦେଇଥିଲେ। ଜାନୁୟାରୀ ୨୪ ଓ ୨୫ତାରିଖ ଏହି ଦୁଇ ଦିନ ସୂର୍ଯ୍ୟମନ୍ଦିର ପ୍ରବେଶ ଶୁଳ୍କ ଛାଡ଼ ରହିବ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ତିନି ଠାକୁରଙ୍କ ସେବାୟତ, ମେଳାର ବ୍ୟବସ୍ଥା ସହ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ, କୋଣାର୍କର ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ଥାନା ପରିସରରୁ ଅଜଗର ସାପ ଉଦ୍ଧାର



ବାଣପୁର,୧୭।୧୨(ସମିସ) : ବାଣପୁର ଥାନା ପରିସରରୁ ଏକ ଅଜଗର ସାପକୁ ବୁଧବାର ଉଦ୍ଧାର କରାଯାଇଛି। ଥାନା ପଛ ପାଶ୍ୱର୍ ସ୍ଥିତ ଷ୍ଟାଫ କ୍ୱାଟର୍‌ରେ ଏହି ସାପଟି ପଶି ଆସିଥିବା ବେଳେ ହଠାତ୍ ଅଜଗର ସାପକୁ ଦେଖି ପୁଲିସ କର୍ମଚାରୀ ମାନେ ଭୟଭୀତ ହୋଇ ପଡିଥିଲେ। ପରେ ସ୍ଥାନୀୟ ଅଞ୍ଚଳର ସାପ ଧରାଳି କାହ୍ନା ମୁଦୁଲି ଖବର ପାଇ ସେଠାରେ ପହଞ୍ଚି ସାପଟିକୁ ଧରି ବରବରା ଜଙ୍ଗଲରେ ଛାଡି ଦେଇ ଥିବା ସୁଚନା ମିଳିଛି। ତେବେ ଉଦ୍ଧାର ହୋଇ ଥିବା ସାପଟି ପ୍ରାୟ ୮ ଫୁଟରୁ ଉର୍ଦ୍ଧ୍ୱ ଲମ୍ବ ହୋଇଥିବା ବେଳେ କ୍ୱାର୍ଟରର ପାଶ୍ୱର୍ରେ ଅନାବନା ଗଛଲତା ପରିପୂର୍ଣ୍ଣ ହୋଇ ଜଙ୍ଗଲ ସଦୃଶ ହୋଇ ପଡ଼ି ଥିବାରୁ ସେଠାରୁ ସାପଟି ପଶି ଆସିଥିବା ଅନୁମାନ କରାଯାଉଛି।

## ମନ୍ଦିର ହୁଣ୍ଡିରୁ ୬ ଲକ୍ଷ ୩୭ ହଜାର ଆୟ



ସାକ୍ଷୀଗୋପାଳ,୧୭।୧୨(ସମିସ): ଆଜି ସାକ୍ଷୀଗୋପାଳ ଠାକୁରଙ୍କ ହୁଣ୍ଡି ଖୋଲା ଯାଇଥିଲା। ଉକ୍ତ ହୁଣ୍ଡିରୁ ୬ ଲକ୍ଷ ୩୭ ହଜାର ୨୯୨ ଟଙ୍କା ସହ କିଛି ରୌପ୍ୟ ବାହାରିଥିବା ଜଣାପଡ଼ିଛି। ଏହି ଅର୍ଥ ରାଶିକୁ ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସାକ୍ଷୀଗୋପାଳ ଶାଖାରେ ଜମା କରାଯାଇଛି। ହୁଣ୍ଡିରୁ ବାହାରିଥିବା ନଗଦ ଅର୍ଥକୁ ଗଣତି କରିବା ପାଇଁ ଉକ୍ତ ସ୍ଥାନରେ ସାକ୍ଷୀଗୋପାଳ ମନ୍ଦିର ଅତିରିକ୍ତ ପ୍ରଶାସକ ଲଳିତେନ୍ଦୁ ମହାନ୍ତି, ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର, ବ୍ୟାଙ୍କ ପକ୍ଷରୁ ସନ୍ଦୀପ କୁମାର ରଥ, ରାମ ନାରାୟଣ ବେହେରା, ଶିବ କୁମାର ଶୁକ୍ଳା, ସାଇପୂଜା ମହାନ୍ତି, ବିଜୟ କୁମାର ନାୟକ, ସୁଶାନ୍ତ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ତଦାରଖ କରିଥିଲେ।

ଅମଳ ପରେ ବିକ୍ରି ଅପେକ୍ଷାରେ ଚାଷୀ

## ଶାଗ ମାଛ ଦରରେ ଧାନ କିଣି ନେଉଛନ୍ତି ଦଲାଲ

ଖୋଲିଲାନି ମଣ୍ଡି

ଗୋପ,୧୭।୧୨(ସମିସ): ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅଞ୍ଚଳରେ ଧାନ ଅମଳ ଶେଷ ହେବାକୁ ବସିଲାଣି। ମାତ୍ର ଆଦ୍ୟାବଧି ଗୋଟିଏ ହେଲେ ମଣ୍ଡି ଖୋଲିନାହିଁ। ଗୋପ ବ୍ଲକ୍ ନୁହେଁ, ସମଗ୍ର ଜିଲ୍ଲାରେ ମଧ ମଣ୍ଡି ଖୋଲି ନଥିବା ଜଣାପଡ଼ିଛି। ଚାଷ ଜମିରୁ ଧାନ କାଟି ଚାଷୀ ଅମଳ କରି ସାରିଲେଣି। ଖଳାରେ ଚାଷୀ ଧାନ ଧରି ବସିଛନ୍ତି। ଧାନ ବିକ୍ରି ହୋଇପାରୁନି। ପ୍ରଶାସନ ପକ୍ଷରୁ ଧାନ ମଣ୍ଡିଖୋଲା ଯାଇ ନଥିବାରୁ ଗୋପ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। କେବେ ଖୋଲିବ ଧାନ ମଣ୍ଡି ବୋଲି ପ୍ରଶ୍ନ କରିଛନ୍ତି ଚାଷୀ। ଧାର କରଜ ଚାଷ କରୁଥିବା ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଅମଳ ଧାନ ଖଳା, ରାସ୍ତାକଡ଼ ଏବଂ ବିଲରେ ପକାଇ ରଖିଛନ୍ତି। ଗୋପ ଅଞ୍ଚଳର ପାଖାପାଖି ଏକମାସ ହେଲାଣି ଅମଳ ଧାନକୁ ଚାଷୀ ପ୍ରବଳ ହାଡ଼ଭଙ୍ଗା ଶୀତରେ ଜଗି ରହିଛନ୍ତି। ଏହାର ସୁଯୋଗ ନେଇ କେତେକ ଦଲାଲ ଚାଷୀଙ୍କୁ ପ୍ରଲୋଭନ ଦେଖାଇ ୧୫ ଶହରୁ ୧୭ ଶହ ଟଙ୍କା ଦରରେ ଧାନ କିଣି ନେଉଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ଗୋପ ବ୍ଲକରେ ସରକାରୀ ଦରରେ ଧାନ ବିକ୍ରି କରିବା ପାଇଁ ୨୭ ଟି ସେବା ସମବାୟ ସମିତି ଜରିଆରେ ୯ ହଜାରରୁ ଉର୍ଦ୍ଧ୍ୱ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିଥିବାବେଳେ ଧାନ ମଣ୍ଡି ନ ଖୋଲିବା ଯୋଗୁଁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଧାନ ବିକ୍ରି ଲାଗି ପଞ୍ଜୀକରଣ କରିଥିବା ଚାଷୀଙ୍କ ନିକଟକୁ ଧାନ ବିକ୍ରି କରିବା ପୂର୍ବରୁ ମେସେଜ୍ ମାଧ୍ୟମରେ କେତେ ପରିମାଣର ଧାନ ବିକ୍ରି କରିବ ଓ କେବେ ଧାନ କିଣାଯିବ ସେ ନେଇ ଟୋକନ ଆସିଥାଏ। ହେଲେ ଚଳିତ ବର୍ଷ ଟୋକନ୍ ଆସି ନଥିବାରୁ ଚାଷୀମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଏ ସମ୍ପର୍କରେ ଯୋଗାଣ ଅଧିକାରୀ ରଚିତା ପଣ୍ଡାଙ୍କୁ ପଚାରିବାରେ ସେ କୁହନ୍ତି ସରକାରୀ ନିର୍ଦ୍ଦେଶ ନାମା ଆସିଲେ ମଣ୍ଡି ଖୋଲାଯିବ।

## ସାକ୍ଷୀଗୋପାଳ ମନ୍ଦିର ଉନ୍ନୟନ ନିମନ୍ତେ ସ୍ୱତନ୍ତ୍ର ସର୍ଭେ ଆରମ୍ଭ



ସାକ୍ଷୀଗୋପାଳ,୧୭।୧୨(ସମିସ): ସାକ୍ଷୀଗୋପାଳ ମନ୍ଦିର ଓ ଏହାର ବାହ୍ୟ ପରିସର ବିକଶିତ କରାଯିବା ନିମନ୍ତେ ଆଜିଠାରୁ ଏକ ସ୍ୱତନ୍ତ୍ର ସର୍ଭେ ଆରମ୍ଭ କରାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ସାକ୍ଷୀଗୋପାଳ ମନ୍ଦିରକୁ ସାକ୍ଷୀଗୋପାଳ ବସଷ୍ଟାଣ୍ଡ ପଟୁ ଆସୁଥିବା ଯାନବାହାନ ଓ ଭକ୍ତଙ୍କ ସୁବିଧା ଲାଗି ମା' ମଉନେଇ ମନ୍ଦିର ତଥା ହୋତା ସାହି ତଥା ଗୋପାଳପୁର ପାଟଣା ଛକ ଠାରୁ ଏକ ସ୍ୱତନ୍ତ୍ର କରିଡର ନିର୍ମାଣ କରାଯିବା ସହ ରତ୍ନଚିରା ନଦୀ ଉପରେ ଏକ ନୂତନ ବ୍ରିଜ ନିର୍ମାଣ କରାଯିବ। ପୁରାତନ ଧର୍ମଶାଳାକୁ ଭଙ୍ଗା ଯାଇ ସେଠାରେ ଏକ ନୂତନ ଭକ୍ତ ନିବାସ ସହ ଉନ୍ନତ ମାନର ଅତିଥି ଭବନ ନିର୍ମାଣ କରାଯିବ। ସେବାୟତଙ୍କ ଜାଗାଘର, ସେଠାରେ ଥିବା ମାର୍କେଟ କମ୍ପ୍ଲେକ୍ସ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ଉଚ୍ଛେଦ କରାଯିବା ସହ ସେଠାରେ ମନ୍ଦିରର ସମ୍ମୁଖ ପାର୍କିଂ ସ୍ଥାନ ହେବ। ମନ୍ଦିର ଶୌଚାଳୟକୁ ସ୍ଥାନାନ୍ତରିତ କରାଯାଇ ସେଠାରେ ଏକ ଅତ୍ୟାଧୁନିକ ଗ୍ରନ୍ଥାଗାର ନିର୍ମାଣ କରାଯିବ। ସର୍ଭେ ଅନୁଯାୟୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରୁ ମନ୍ଦିର ପଛ ପାଶ୍ୱର୍ ପର୍ଯ୍ୟନ୍ତ ସରକାରୀ, ଦେବୋତ୍ତର ଓ ବ୍ୟକ୍ତିଗତ ଜାଗାରେ ନିର୍ମାଣ ହୋଇଥିବା ଗୃହ, ଦୋକାନ ଉଚ୍ଛେଦ କରାଯିବ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସାକ୍ଷୀଗୋପାଳ ଓ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ନବକଳେବର କାର୍ଯ୍ୟ ମଧ୍ୟ ଏହି ପ୍ରକଳ୍ପର ଅଂଶ ବିଶେଷ ହେବ ବୋଲି ଜଣାପଡ଼ିଛି। ଏହି ପ୍ରକଳ୍ପ ନିର୍ମାଣ ନିମନ୍ତେ କ୍ଷତିଗ୍ରସ୍ତ ହେଉଥିବା ବ୍ୟକ୍ତି ବିଶେଷ, ମନ୍ଦିର ସମ୍ମୁଖ ଓ ଏହାର ବାହ୍ୟ ପରିସର କଳେବର ବୃଦ୍ଧି ପାଇଁ ନିଯୋଗ କୋଠା, ଦୋକାନ, ଗୃହ, ଜମିର, ସଠିକ ବିବରଣୀ ଜାଣିବା ନିମନ୍ତେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଆଜିଠାରୁ ଠାରୁ ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ସର୍ଭେ କାର୍ଯ୍ୟରେ ସାକ୍ଷୀଗୋପାଳ ମନ୍ଦିରରର ଅତିରିକ୍ତ ପ୍ରଶାସକ ଲଳିତେନ୍ଦୁ ମହାନ୍ତି, ଅମିନ ସୁବାସ ଗଜେନ୍ଦ୍ର, ସତ୍ୟବାଦୀ ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ ମାଝୀ, ରାଜସ୍ୱ ସୁପରଭାଇଜର ମୋନାଲିସା ବରାଳ, ଦେବସ୍ମିତା ପାଣ୍ଡେ ପ୍ରମୁଖ ନିୟୋଜିତ ହୋଇଛନ୍ତି।

## ସ୍କୁଲ ଫାଟକରେ ତାଲା ପକାଇ ଧାରଣା

ଚାରିଛକ,୧୭।୧୨(ସମିସ): ନିମାପଡ଼ା ବ୍ଲକ୍ ଛଣିଜଙ୍ଗ ପଞ୍ଚାୟତ ଅଳକୁଣ୍ଡ ପଞ୍ଚାୟତ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅନ୍ୟତ୍ର ବଦଳି ସାଙ୍ଗକୁ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ଦାବିରେ ଆଜି ଅଭିଭାବକ ଓ ଛାତ୍ରଛାତ୍ରୀ ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିଶୃଙ୍ଖଳିତ ବ୍ୟବହାରରେ ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ଅତିଷ୍ଠ ହୋଇ ପଡ଼ିଥିବା ନେଇ ଅଭିଯୋଗ ହୋଇଛି। ସ୍କୁଲରେ ୬ ଜଣ ଶିକ୍ଷକ ଆବଶ୍ୟକ ଥିବା ବେଳେ ମାତ୍ର ୩ଜଣ ଶିକ୍ଷକରେ ଚାଲିଛି ସ୍କୁଲ। ମୁଖ୍ୟ ବିଷୟ ଇଂରାଜୀ, ଗଣିତ ଓ ବିଜ୍ଞାନ ଶିକ୍ଷକ ଏଠାରେ ନାହାନ୍ତି। ଏ ୩ଟି ବିଷୟରେ ବହି ଖୋଲା ହୋଇନାହିଁ ବୋଲି ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି। ଫଳରେ ମାଟ୍ରିକ୍ ପରୀକ୍ଷାରେ ଛାତ୍ରଛାତ୍ରୀ ପ୍ରଭାବିତ ହେବା ନେଇ ଅଭିଯୋଗ କରିଛନ୍ତି ଅଭିଭାବକ। ଏପରିକି ସ୍କୁଲରେ ପାଠପଢା ବଦଳରେ ପ୍ରଧାନ ଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ହାତାହାତି ଘଟଣା ଘଟୁଥିବା ସ୍କୁଲର ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ପ୍ରକାଶ କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିଶୃଙ୍ଖଳିତ କାର୍ଯ୍ୟ ଓ ସ୍କୁଲରେ ଶିକ୍ଷକ ପଦବୀ ପୂରଣ ପାଇଁ ବାରମ୍ବାର ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲାପାଳ, ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରମୁଖଙ୍କ ନିକଟରେ ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ଅଭିଯୋଗ କରିଆସୁଥିଲେ। ତେବେ ଏହାର କୌଣସି ସମାଧାନ ନ ହେବାରୁ ଆଜି ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଧାରଣାରେ ପୂର୍ବତନ ସରପଞ୍ଚ ବଟକୃଷ୍ଣ ସ୍ୱାଇଁ, ସମିତିସଭ୍ୟା ଲକିବାଳା ନାୟକ, ଅଭିଭାବକ ବଳରାମ ନାୟକ, ପରିଚାଳନା କମିଟି ସଭାପତି ସୁବାଷ ଚନ୍ଦ୍ର ବାରିକ, ସଭ୍ୟ ବିମ୍ବାଧର ନାୟକ, ସୁଧୀର ନାୟକ, କୃଷ୍ଣଚନ୍ଦ୍ର ବେହେରା, ଲିଙ୍ଗରାଜ ନାୟକ, ବିପିନ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି। ଘଟଣା ସ୍ଥଳରେ ଚାରିଛକ ପୁଲିସ ପହଞ୍ଚି ସ୍କୁଲ ଫାଟକରୁ ତାଲା ଖୋଲି ଧାରଣା ଦେବାକୁ କହିଥିଲେ ମଧ ଧାରଣାକାରୀ ପୁଲିସ କଥା ଶୁଣିନଥିଲେ। ଶିକ୍ଷା ବିଭାଗର ଜିଲ୍ଲା ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ନିମାପଡ଼ା ଏବିଇଓ ସୁଦର୍ଶନ ଭୋଇ ଧାରଣାକାରୀଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ମୋର କିଛି ଭୁଲ ନାହିଁ ମୋତେ ବଦନାମ କରିବାକୁ କିଛି ଲୋକଙ୍କ ଏହା ଏକ ଷଡ଼ଯନ୍ତ୍ର ବୋଲି ପ୍ରଧାନ ଶିକ୍ଷୟିତ୍ରୀ ସଫେଇ ଦେଇଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଧାରଣା ଚାଲିବ ବୋଲି ଧାରଣାକାରୀମାନେ ପ୍ରକାଶ କରିଛନ୍ତି।



## କାନ୍ଥ ପଡ଼ି ବୃଦ୍ଧଙ୍କ ମୃତ୍ୟୁ



ବ୍ରହ୍ମଗିରି,୧୭।୧୨(ସମିସ): ବ୍ରହ୍ମଗିରି ଥାନା ତନ୍ତକେରା ଗାଁରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ନିଆଳପୁର ଗ୍ରାମ ପଞ୍ଚାୟତ ତନ୍ତକେରା ଗ୍ରାମର ସାଗର କାଣ୍ଡୀ (୬୫) ନାମକ ଜଣେ ବୃଦ୍ଧ ନିଜ ପୁରୁଣା ଘରର କାନ୍ଥକୁ ନିଶୁଣି ପକାଇ ଭାଙ୍ଗୁଥିଲେ। ଏହି ସମୟରେ ହଠାତ୍ ନିଶୁଣିଟି କାନ୍ଥରୁ ଖସିଯାଇଥିବାବେଳେ ସାଗର ତଳେ ପଡ଼ିଯାଇଥିଲେ। ତାଙ୍କ ଉପରେ ଭଙ୍ଗା କାନ୍ଥଟି ପଡ଼ିଯାଇଥିଲା। ଫଳରେ ସେ କାନ୍ଥ ତଳେ ଚାପିହୋଇ ଗୁରୁତର ହୋଇଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବିଦ୍ୟାଳୟର ଗୃହ ଉଦ୍‌ଘାଟନ କଲେ ବିଧାୟକ



କଣାସ,୧୭।୧୨(ସମିସ): କଣାସ ବ୍ଲକ୍ ବିନ୍ଧଣ ଗ୍ରାମପଞ୍ଚାୟତର ବିନ୍ଧଣ ନନ୍ଦିଗଦା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନବନିର୍ମିତ ଶ୍ରେଣୀ କକ୍ଷ ଉଦ୍‌ଘାଟିତ ହୋଇଯାଇଛି। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ମୂଖ୍ୟ ଅତିଥିଭାବେ ଯୋଗଦେଇ ଗୃହ ପ୍ରବେଶ ଶୁଭଆରମ୍ଭ କରିଥିଲେ। ଏହି ଅବସରରେ ଏକ ସଭା ଆୟୋଜିତ ହୋଇଥିଲା ଜିଲ୍ଲାପରିଷଦ ସଭ୍ୟା ଲତାମଣି ଜଗଦେବ, ବିନ୍ଧଣ ପୂର୍ବତନ ସରପଞ୍ଚ ଧବଳେଶ୍ୱର ନାୟକ, ବିଜିପୁର ସରପଞ୍ଚ ଗୀତାଞ୍ଜଳି ସେଠୀ, ପ୍ରଧାନ ଶିକ୍ଷୟିତ୍ରୀ ମନୁ କୁମାରୀ ମଲ୍ଲିକଙ୍କ ସମେତ ବିଦ୍ୟାଳୟର ପରିଚାଳନା ସମିତି ସଭ୍ୟ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ମିଶ୍ର ଛାତ୍ରଛାତ୍ରୀଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ପି.ଏମ୍.ଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ବଳଙ୍ଗା,୧୭।୧୨(ସମିସ): ବଳଙ୍ଗା ନିକଟସ୍ଥ ପି.ଏମ୍.ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ବଳଙ୍ଗାର ବାର୍ଷିକ କ୍ରୀଡ଼ା ଉତ୍ସବ ଦୁଇଦିନ ବ୍ୟାପୀ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ପି.ଏମ୍.ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ସରପଞ୍ଚ ଅଞ୍ଜଳି ପ୍ରଧାନ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଏଲିଜା ବେହେରା, ସିଆର୍‌ସିସି ନବକିଶୋର ସ୍ୱାଇଁ, ପରିଚାଳନା କମିଟିର ସଭାପତି ସୁବାସ କୁମାର ସତପଥି, ପ୍ରଭାକର ନାୟକ, କୃଷ୍ଣଚନ୍ଦ୍ର ହୋତା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ଉପରେ ବକ୍ତବ୍ୟ ପ୍ରଦାନ କରିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ବିଜ୍ଞାନ ମେଳାରେ ୪୦ ପ୍ରକଳ୍ପ ପ୍ରଦର୍ଶିତ



ଗୋପ,୧୭।୧୨(ସମିସ): ଗୋପ ବ୍ଲକ୍ କଳେଜଛକ ସ୍ଥିତ ସତ୍ୟସାଇ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୨ଟି ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ମେଳା କାର୍ଯ୍ୟକ୍ରମକୁ ଶିକ୍ଷାବିତ ଦୟାନିଧି ବେହେରା, ପ୍ରଶାନ୍ତ କୁମାର ନାୟକ, ସମ୍ପାଦିକା ସୁଧାମୟୀ ଖଟୋଇ, ସଭାପତି ରଞ୍ଜନ କୁମାର ସାହୁ, ଅଧ୍ୟକ୍ଷ ପ୍ରଦୀପ୍ତ ଖୋଟୋଇ ଉଦ୍‌ଘାଟନ କରିଥିଲେ। ଆଗାମୀ ଦିନରେ ବିଜ୍ଞାନ ଦ୍ୱାରା ସବୁ ସମ୍ଭବ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଚାରକଭାବେ ଜାଗେଶ୍ୱରୀ ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ଗୋପୀନାଥ ମୁଦୁଲି, ମା' ଭୁଆସୁଣି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ନବକିଶୋର ବିଶ୍ୱାଳ ଯୋଗ ଦେଇଥିବାବେଳେ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କରିବା ନେଇ ସପ୍ତମ ଶ୍ରେଣୀର ସ୍ମୃତି ସେନାପତିଙ୍କ ପ୍ରକଳ୍ପ ପ୍ରଥମ ସ୍ଥାନ, ବିଶ୍ୱରଞ୍ଜନ ମହାନ୍ତିଙ୍କ ପ୍ରକଳ୍ପ ଦ୍ୱିତୀୟ ସ୍ଥାନ, ପୀୟୂଷ ପ୍ରଧାନ ଓ ଅନେଷା ରାୟଙ୍କ ପ୍ରକଳ୍ପ ତୃତୀୟ ସ୍ଥାନ ଅଧିକାର କରିଥିଲା। ଏହି କାର୍ଯ୍ୟକ୍ରମକୁ ଉଦିତା ରାଣୀ ଦେ, ମୋନାଲିସା ରଥ, ରୋଜାଲିନ ବଳିଆରସିଂହ, ଦୀପାଞ୍ଜଳି କାଣ୍ଡି, କୁମକୁମ ରାୟ, ଅନସୂୟା ଜେନା, ପ୍ରିୟଙ୍କା ପ୍ରିୟଦର୍ଶିନୀ ଜେନା, ସତ୍ୟବ୍ରତ ଭୋଇ, ସୁଷମା ସେନାପତି ପ୍ରମୁଖ ପରିଚାଳନା କରିଥିଲେ।

## ସଭାମଣ୍ଡପ ରତ୍ନବଟ ମଠର ପୂଜକଙ୍କ ପରଲୋକ



ଚାରିଛକ,୧୭।୧୨(ସମିସ): ଚାରିଛକ ନିକଟସ୍ଥ ସାନହୁଲି ଗ୍ରାମର ବାସିନ୍ଦା ତଥା ରତ୍ନବଟ ମଠର(ସଭାମଣ୍ଡପ) ପୂଜକ ରାଜେନ୍ଦ୍ର ଶତପଥି (୭୪) ଙ୍କର ଗତକାଲି ପରଲୋକ ହୋଇଯାଇଛି। ସେ ତୁଳସୀପୁର ନିକଟ ସଭାମଣ୍ଡପସ୍ଥିତ ରତ୍ନବଟ ମଠରେ ପିଲାଦିନୁ ପୂଜାକରି ଆସୁଥିଲେ। ସେ ଦୀର୍ଘଦିନ ହେବ ଆଜ୍‌ମା ରୋଗରେ ପୀଡ଼ିତ ହୋଇ କିଛିଦିନ ହେବ ଭୁବନେଶ୍ୱର ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗତକାଲି ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁତ୍ର, ପୁତ୍ର ବଧୂ, ନାତି, ନାତୁଣୀ ଆତ୍ମୀୟସ୍ୱଜନ ଉପସ୍ଥିତ ରହିଥିଲେ। ନିଜ ଗ୍ରାମ ସାନହୁଲି ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ପୁଅ ହରେକୃଷ୍ଣ ଶତପଥି ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ସରପଞ୍ଚଙ୍କ ସହିତ ଆଖ ପାଖର ଶତାଧିକ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।

# କେନାଲ ଖୋଳାକୁ ନେଇ ଜୋର୍ ଧରିଲା ବ୍ରହ୍ମଗିରି ରାଜନୀତି

ବ୍ରହ୍ମଗିରି,୧୭।୧୨(ସମିସ): ବୁଧବାର ବ୍ରହ୍ମଗିରି ବସ୍‌ଷ୍ଟାଣ୍ଡ ଠାରେ ବିଜେପି ପକ୍ଷରୁ କେନାଲ ଖୋଳା ଘଟଣାକୁ ନେଇ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ କୁସୁବେଣ୍ଟି ପଞ୍ଚାୟତର ହରିଦାସ ଏବଂ କୁସୁବେଣ୍ଟି ଗ୍ରାମ ମଧ୍ୟରେ କେନାଲକୁ ନେଇ ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ବିବାଦ ଲାଗି ରହିଛି। ଦୁଇ ଦିନ ତଳେ ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ୍ କୁସୁବେଣ୍ଟି ପଞ୍ଚାୟତରେ ଥିବା ନଦୀ କେନାଲ ଖୋଳିବାକୁ ଯାଇଥିବା ଜିଲ୍ଲାପ୍ରଶାସନ ଏବଂ ପୁଲିସ ସହିତ ହରିଦାସ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ଆଇନକୁ ଅମାନ୍ୟ କରି କେନାଲ ଖୋଳା ସମୟରେ ବିରୋଧ କରିବାରୁ ହରିଦାସ ଗ୍ରାମର ୪୦ ଜଣ ପୁରୁଷ ଏବଂ ୬ ଜଣ ମହିଳାଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାର ପ୍ରତିବାଦରେ ଘଟଣା ଦିନ ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସଞ୍ଜୟ ଦାସବର୍ମା କର୍ମୀଙ୍କୁ ନେଇ ବ୍ରହ୍ମଗିରି ଥାନାରେ ପହଞ୍ଚି ପୁଲିସ ଅଧିକାରୀଙ୍କ ସହିତ ଆଲୋଚନା କରି ବିଫଳ ହେବାରୁ ଥାନା ବାରଣ୍ଡାରେ ଅହୋରାତ୍ର ଧାରଣାରେ ବସିଥିଲେ। ବେଆଇନ ଭାବେ ଚାଷୀଙ୍କୁ ଗିରଫ କରିବା ଏବଂ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ଗତକାଲି ବିଜେଡି ତରଫରୁ ଦାସବର୍ମାଙ୍କ ନେତୃତ୍ୱରେ ଥାନା ସମ୍ମୁଖରେ ଏକ ବିରାଟ ଗଣଧାରଣା ଦିଆଯାଇଥିଲା। ସଞ୍ଜୟ ଦାସବର୍ମାଙ୍କ ଏପରି କାର୍ଯ୍ୟକୁ ବିରୋଧ କରି ଆଜି ବିଜେପି ପକ୍ଷରୁ ବ୍ରହ୍ମଗିରି ବସ ଷ୍ଟାଣ୍ଡ ଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କେନାଲ ଖୋଳାରେ ସ୍ଥାନୀୟ ଲୋକଙ୍କୁ ବିରୋଧ କରିବା ପାଇଁ ଲୋକମାନଙ୍କୁ ପ୍ରବର୍ତ୍ତାଉଥିବା ଅଭିଯୋଗ କରି ସଞ୍ଜୟ ଦାସବର୍ମାଙ୍କୁ ପ୍ରତିବାଦ ସଭାରେ ବିଜେପି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଥିଲା। ଶାନ୍ତ ଥିବା ବ୍ରହ୍ମଗିରିକୁ ଅଶାନ୍ତ ନକରିବା ପାଇଁ ଉପସ୍ଥିତ ଥିବା କର୍ମୀମାନେ ଚେତାବନୀ ଦେଇଛନ୍ତି।



# ଜୋର୍ ଧରିଲା ନୟାଗଡ଼ରେ ମେଡିକାଲ କଲେଜ ଦାବି



ଖଣ୍ଡପଡ଼ା,୧୭।୧୨(ସମିସ): ନୟାଗଡ଼ ସଦର ମହକୁମାକୁ ବାଦ୍ ଦେଇ ନୟାଗଡ଼ ଜିଲ୍ଲାର ସୀମାନ୍ତରେ ଥିବା ରଣପୁର ବ୍ଲକ୍ ଚାନ୍ଦପୁରସ୍ଥିତ ବସନ୍ତ ମଞ୍ଜରୀ ଯକ୍ଷ୍ମା ସ୍ୱାସ୍ଥ୍ୟକେନ୍ଦ୍ରଠାରେ ମେଡିକାଲ କଲେଜ ନିର୍ମାଣ କରିବା ପାଇଁ ବିଧାନସଭାରେ ଦାବି ଉଠିବା ପରେ ଏବେ ଏହାକୁ ଦଳମତ ନିର୍ବିଶେଷରେ ସମୂହ ପ୍ରତିବାଦ ପାଇଁ ସ୍ୱର ଉଠିଛି। ଏନେଇ ବୁଧବାର ନୟାଗଡ଼ ମେଡିକାଲ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ଖଣ୍ଡପଡ଼ା ଶୁଭ କଲ୍ୟାଣ ମଣ୍ଡପଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଖଣ୍ଡପଡ଼ା ବରିଷ୍ଠ ନାଗରିକ ମଞ୍ଚ ସଭାପତି ଅଖିଳ କୁମାର ମହାରଣା, ସମ୍ପାଦକ ଲକ୍ଷ୍ମୀଧର ସିଂ, ଖଣ୍ଡପଡ଼ା ଜର୍ଣ୍ଣାଲିଷ୍ଟ ସଭାପତି ଚିତ୍ତରଞ୍ଜନ ମିଶ୍ର, ଶିଶୁ କବି କାଶୀନାଥ ଦାସ, ଶିକ୍ଷାବିତ୍ ଜନ୍ମେଜୟ ନାୟକ, କ୍ରୀଡ଼ାବିତ୍ ଭିକାରୀ ଚରଣ ଖଣ୍ଡାୟତ, ଆଞ୍ଚଳିକ ସାମ୍ବାଦିକ ସଂଘ ସମ୍ପାଦକ ଭବାନୀ ସିଂ ସାମନ୍ତ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ଯୁବ ସଂଗଠକ ମନୋରଞ୍ଜନ ବେହେରା, ଗୋପାଳକୃଷ୍ଣ ପଣ୍ଡା, ଭାରତୀୟ ବିକାଶ ପରିଷଦ ରାଜ୍ୟ ଉପସଭାପତି ନିରଞ୍ଜନ ଦାସ, ସାମ୍ବାଦିକ ଜନ୍ମେଜୟ ଦଳେଇ ଓ ବିଭିନ୍ନ ସଂଗଠନର ନେତୃମଣ୍ଡଳୀ ସମେତ ବହୁ ବୁଦ୍ଧିଜୀବୀ, ସାମ୍ବାଦିକ ଯୋଗଦେଇଥିଲେ। ବିଶେଷ ଭାବରେ ଚାନ୍ଦପୁରଠାରେ ମେଡିକାଲ କଲେଜ ପାଇଁ ବିଧାନସଭାରେ ଉଠିଥିବା ପ୍ରସ୍ତାବକୁ ଘୋର୍ ନିନ୍ଦା କରାଯାଇଛି।

ବୈଠକରୁ ମିଳିଥିବା ସୂଚନାନୁସାରେ, ଜିଲ୍ଲାର ୮ଟି ବ୍ଲକ୍‌ର ମଧ୍ୟସ୍ଥଳ ନୟାଗଡ଼ ସଦର ମହକୁମା ଅଟେ। ଏଠାରେ ମେଡିକାଲ କଲେଜ ସ୍ଥାପନ ପାଇଁ ଆବଶ୍ୟକ ସରକାରୀ ଜାଗା ରହିଛି। ଏପରିସ୍ଥଳେ କେଉଁ ସ୍ୱାର୍ଥରେ ଚାନ୍ଦପୁରଠାରେ ମେଡିକାଲ କଲେଜ ସ୍ଥାପନ ପାଇଁ ପ୍ରସ୍ତାବ ଉଠିଛି ତାକୁ ନେଇ ଆପତ୍ତି ଉଠିଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ନିର୍ମାଣ ହେବାକୁ ଥିବା ମେଡିକାଲ କଲେଜ ପାଇଁ ଜିଲ୍ଲା ସଦର ମହକୁମାଠାରେ ପ୍ରସ୍ତାବ ରହିଥିବାବେଳେ ନୟାଗଡ଼ ଜିଲ୍ଲା ପ୍ରତି ସରକାରଙ୍କ ରହିଥିବା ବୈମାତୃକ ମନୋଭାବକୁ କୌଣସି ପ୍ରକାରେ ଗ୍ରହଣ କରାଯିବ ନାହିଁ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ତେବେ ଖଣ୍ଡପଡ଼ାରେ ଅଖିଳ କୁମାର ମହାରଣା ଓ ଚିତ୍ତରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଏକ ୧୧ ଜଣିଆ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି। ଏହି ବୈଠକରେ ନୟାଗଡ଼ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଆବାହକ ଗୋଦାବରୀ ସାହୁଙ୍କ ସମେତ ଶ୍ରୀକାନ୍ତ ଖଟେଇ, ସନ୍ତୋଷ ପ୍ରଧାନ, ଗଙ୍ଗାଧର ପଣ୍ଡା, ଅବିନାଶ ସାହୁ, ଶରତ ସାହୁ, ଭାଗିରଥି ସାହୁ ପ୍ରମୁଖ ଯୋଗଦେଇଥିଲେ।

# ମୁଣ୍ଡରେ ବନ୍ଧୁକ ଲଗାଇ ଲୁଟିନେଲେ ଲକ୍ଷାଧିକ ଟଙ୍କାର ସୁନା, ରୁପା

## ଡଗ୍ ସ୍କ୍ୱାଡ୍ ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି

ଓଡ଼ଗାଁ,୧୭।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡ଼ାଝୋଲା ଫାଣ୍ଡି ଅଞ୍ଚଳ ବ୍ୟାଙ୍କ ସାହିରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଜଣାପଡ଼ିଛି। ୪ ଜଣ ସଶସ୍ତ୍ର ଡକାୟତ ପହଞ୍ଚି ଘର ମାଲିକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ମାରିଦେବାର ଧମକ ଦେଇ ସୁନା, ରୁପା ସମେତ ନଗଦ ଟଙ୍କା ଲୁଟି ନେଇଛନ୍ତି। ଚୋରି କରି ଯିବା ସମୟରେ ଘର ମାଲିକଙ୍କ ଗୋଡ଼, ହାତ ବାନ୍ଧି ଚୋରମାନେ ପଳାଇ ଯାଇଥିବା ବାହାଡ଼ାଝୋଲା ଫାଣ୍ଡିରେ ଅଭିଯୋଗ ହୋଇଛି।

ଓଡ଼ଗାଁ ଥାନା ବାହାଡ଼ାଝୋଲା ଫାଣ୍ଡିରେ ଅଭିଯୋଗ ଅନୁସାରେ, ବାହାଡ଼ାଝୋଲା ବ୍ୟାଙ୍କ ସାହିର ଯୋଗେନ୍ଦ୍ର ସାହୁ (୫୯) ନିଜ ଘରେ ଏକା ଶୋଇଥିବା ସମୟରେ ୪ ଜଣ ଚୋର ହଠାତ୍ ଘରେ ପଶି ଯୋଗେନ୍ଦ୍ରଙ୍କୁ ମାଡ଼ି ବସିଥିଲେ। ଯୋଗେନ୍ଦ୍ର ଘୋଡ଼େଇ ହୋଇ ଶୋଇଥିବା କମ୍ବଳକୁ ମୁହଁରେ ଢାଙ୍କି ମୁଣ୍ଡରେ ବନ୍ଧୁକ ଲଗାଇ କେଉଁଠି କ'ଣ ରଖିଛ ଦିଅ, ନ ହେଲେ ମାରିଦେବୁ ବୋଲି ଧମକ ଦେଇଥିଲେ। ତେବେ ଯୋଗେନ୍ଦ୍ର ଭୟଭୀତ ଅବସ୍ଥାରେ ସବୁ କହିଦେବାରୁ ସେମାନେ ପ୍ରତି ଘରର ଆଲମାରୀ, ସିନ୍ଦୁକ ଭାଙ୍ଗି ଘରେ ଥିବା ଆନୁମାନିକ ନଗଦ ୨ ଲକ୍ଷ ଟଙ୍କା, ୨୨ଟି ସୁନା ଖାଆସୁଲ, ସୁନାହାର ୧ଟି, ୩ ସୁନା ମାଳି, ୭ ହଳ କାନଫୁଲ, ୭ ସୁନା ମୁଦି, ୨ ସୋରିଷିଆ ମାଳି, ୧ ଧାନୁଆ ସୁନା ମାଳି, ୩ ଲକେଟ୍, ୪ ସୁନା ଶଙ୍ଖା ସହିତ ସ୍ତ୍ରୀଙ୍କର ଥିବା ସୁନା ଅଳଙ୍କାର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଓ ରୁପା ପାଉଁଜି ୫ ହଳ ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାର ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଚୋରମାନେ ଯିବାବେଳେ ହାତ, ଗୋଡ଼ ବାନ୍ଧି ଦେଇଥିବାରୁ ବହୁ କଷ୍ଟରେ ପାଟିରୁ ଖୋଲି ବାହାରକୁ ଯାଇ ଯୋଗେନ୍ଦ୍ର ଏହା ଜଣାଇଥିଲେ। ଯୋଗେନ୍ଦ୍ର ଏନେଇ ଫାଣ୍ଡିରେ ଅଭିଯୋଗ କରିବା ପରେ ଓଡ଼ଗାଁ ଥାନା ଅଧିକାରୀ ଅଭୟ ବେହେରା, ବାହାଡ଼ାଝୋଲା ଫାଣ୍ଡି ଅଧିକାରୀ ମହମ୍ମଦ ଜାଫରୁଲାଙ୍କ ସମେତ ଡଗ୍ ସ୍କ୍ୱାଡ୍ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି। ତେବେ ନିଜ ଘର ଆଗରେ ବ୍ୟାଙ୍କ ଥାଇ ଯୋଗେନ୍ଦ୍ର କାହିଁକି ଏତେ ପରିମାଣର ସୁନା, ରୁପା ଓ ନଗଦ ଟଙ୍କା ଘରେ ରଖିଥିଲେ ଏବଂ ଯୋଗେନ୍ଦ୍ରଙ୍କ ଘରେ ୧୫ରୁ ଊର୍ଦ୍ଧ୍ୱ ବାଇକ୍ ରହିଥିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

● ପୁଲିସକୁ ଗୁଳିମାରି ଖସିଯିବାକୁ ଉଦ୍ୟମ ଘଟଣା

# ଅଭିଯୁକ୍ତକୁ ୫ ବର୍ଷ ଜେଲ୍ ଦଣ୍ଡାଦେଶ, ୧୦ ହଜାର ଜରିମାନା

ଓଡ଼ଗାଁ,୧୭।୧୨(ସମିସ): ନୟାଗଡ଼ ଜିଲ୍ଲାରେ ଡକାୟତି କରି ଏକଦା ଜନସାଧାରଣଙ୍କ ମଧ୍ୟରେ ଭୟ ସୃଷ୍ଟି କରିଥିବା ଘଟଣାର ମୁଖ୍ୟ ଅଭିଯୁକ୍ତ ଡକାୟତ କାବୁଲି ଖାଁ ମାମଲାର ଶୁଣାଣି କରି ବୁଧବାର ଓଡ଼ଗାଁ ସହକାରୀ ଦୌରା ଜଜ୍ ଜନ୍ମେଜୟ ଦାସ ତାକୁ ୫ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ନୂଆଗାଁ ଅରଖପଲ୍ଲି ନିକଟସ୍ଥ ଇଛାପୁର ଗାଁର କାବୁଲି ଖାଁ ଗଣିଆ ଥାନା ଅଞ୍ଚଳରେ ଡକାୟତି କରିଥିବା ନେଇ ଅଭିଯୋଗ ହୋଇଥିଲା। ତତ୍କାଳୀନ ଗଣିଆ ଇନ୍ସପେକ୍ଟର ଦୀପକ ଖଣ୍ଡାତରାୟ ନୟାଗଡ଼ ସଦର ପୁଲିସ ସହଯୋଗରେ କାବୁଲିକୁ ଧରିବା ପାଇଁ ସୋଲପଟା ଭୂୟାଁଣୀ ରାସ୍ତାରେ ବାଇକ୍ ଯୋଗେ ଯାଉଥିବା କାବୁଲି ଖାଁର ପିଛା କରିଥିଲେ। ଏହି ସମୟରେ ଜଙ୍ଗଲ ପଟକୁ ଯାଇ କାବୁଲି ପୁଲିସ ଉପରକୁ ଗୁଳିଚାଳନା କରିଥିଲା। ଏହାର ଜବାବରେ ପୁଲିସ ଗୁଳିରେ କାବୁଲି ଖାଁର ଗୋଡ଼ ଜଖମ ହେବାରୁ ପୁଲିସ୍ ତାକୁ ଗିରଫ କରି ନୟାଗଡ଼ ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାକୁ ଆଣି ଜେଲ୍‌ରେ ରଖାଯାଇଥିଲା। ଜିଆର୍ ମାମଲା ନମ୍ବର ୧୫୬/୨୦୧୮ ରେ ବୁଧବାର ଓଡ଼ଗାଁ ଅଦାଲତରେ ମାମଲାର ଶୁଣାଣି ଚାଲିଥିବାବେଳେ ବିଚାରପତି ତାଙ୍କ ରାୟ ଶୁଣାଇଥିଲେ। ବିଚାର ପ୍ରକ୍ରିୟା ପରେ କାବୁଲିକୁ ନୟାଗଡ଼ କାରାଗାରକୁ ପଠାଇ ଦିଆଯାଇଥିଲା। ଅତିରିକ୍ତ ସରକାରୀ ଓକିଲ ସୁରେନ୍ଦ୍ର କୁମାର ସେନାପତି ଓ ପୂର୍ଣ୍ଣଚନ୍ଦ୍ର ସାହୁ ମୋକଦ୍ଦମାକୁ ପରିଚାଳନା କରୁଥିଲେ।

■ ୧୭ ଦିନ ମଧ୍ୟରେ ବାପା ଓ ୨ ପୁଅଙ୍କ ମୃତ୍ୟୁ ଘଟଣା

# ରାସନ ସାମଗ୍ରୀ ଯୋଗାଇ ଦେଲେ ଓଡ଼ଗାଁ ତହସିଲ୍‌ଦାର



ଓଡ଼ଗାଁ,୧୭।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ବାଣପୁର ପଞ୍ଚାୟତ ଚେମେଡ଼ି ଗ୍ରାମରେ ୧୭ ଦିନ ମଧ୍ୟରେ ଆଗପଛ ହୋଇ ବାପା ଏବଂ ୨ ପୁଅଙ୍କ ମୃତ୍ୟୁ ଘଟଣା ଆଖପାଖ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ସମ୍ପର୍କରେ ଖବର ପାଇ ଓଡ଼ଗାଁ ତହସିଲ୍‌ଦାର ଡ. ମାନସରଞ୍ଜନ ଭୋଇ ବୁଧବାର ପୀଡ଼ିତ ପରିବାରଙ୍କ ପାଇଁ ୧ ମାସ ନିମନ୍ତେ ଅଟା, ଚୂଡ଼ା, ଚାଉଳ, ଡାଲି ସହିତ ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ ରାସନ ସାମଗ୍ରୀ ପଠାଇଥିବା ଜଣାଯାଇଛି। ବୁଧବାର ସକାଳେ ସୁପରଭାଇଜର ସୁବାସ ଚନ୍ଦ୍ର ମିଶ୍ର ବାଣପୁର ପଞ୍ଚାୟତ ଚେମେଡ଼ି ଗାଁକୁ ଯାଇ ପୀଡ଼ିତ ପରିବାରକୁ ଭେଟି ସାମଗ୍ରୀଗୁଡ଼ିକ ହସ୍ତାନ୍ତର କରିଥିଲେ। ଏହି ସମୟରେ ଗ୍ରାମବାସୀମାନେ ସେଠାରେ ପହଞ୍ଚି ତହସିଲ୍‌ଦାର ମଣିଷପଣିଆକୁ ପ୍ରଶଂସା କରିବା ସହିତ ୨ ନାବାଳିକାଙ୍କ ଭାଗ୍ୟ ଭବିଷ୍ୟତ ନେଇ ଗ୍ରାମବାସୀ ନିବେଦନ କରିଥିଲେ। ସୁପରଭାଇଜରଙ୍କଠାରୁ ଏ ଖବର ପାଇବା ପରେ ସମାଜ ମଙ୍ଗଳ ଅଧିକାରୀଙ୍କ ସହିତ ଆଲୋଚନା କରି ନାବାଳିକାଙ୍କ ଥଇଥାନ ନିମନ୍ତେ ତହସିଲ୍‌ଦାର ଉଦ୍ୟମ ଆରମ୍ଭ କରିଛନ୍ତି। ସୂଚନା ଥାଉକି, ମାଙ୍କୁ ନାୟକ(୬୫)ଙ୍କ ମୃତ୍ୟୁର ଅଷ୍ଟମ ଦିନ ସୁଦ୍ଧିକ୍ରିୟାରେ କ୍ରିୟା ଧରିଥିବା ସାନ ପୁଅ ମୁନା ନାୟକ(୨୨)ଙ୍କର ଗତ ସୋମବାର ସକାଳେ ମୃତ୍ୟୁ ଘଟିଥିଲା। ଠିକ୍ ୧୭ ଦିନ ପୂର୍ବେ ପେଟ କାଟୁଥିବା କାରଣରୁ ବଡ଼ ପୁଅ ସୁଶାନ୍ତ ନାୟକ(୩୬)ଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା। ଏବେ ପରିବାର ପୁରୁଷ ଶୂନ୍ୟ ହୋଇପଡ଼ିଥିବାରୁ ପେଟକୁ ଗଣ୍ଡେ ଦାନା ଯୋଗାଡ଼ କରିବାକୁ ଘରେ କେହି

## ଦୁଇ ନାବାଳିକାଙ୍କ ଥଇଥାନ ନିମନ୍ତେ ଉଦ୍ୟମ

ରୋଜଗାରକ୍ଷମ ନାହାନ୍ତି। ବିଧବା ଶାଶୂ-ବୋହୂ ୨ ନାବାଳିକା ପିଲାଙ୍କ ମୁହଁକୁ ଅନେଇ ଲୁହ ନିଗାଡୁଛନ୍ତି। ଏହି ଦୁଃଖଦ ସମୟରେ ତହସିଲ୍‌ଦାରଙ୍କ ସହଯୋଗ ସେମାନଙ୍କ ମନରେ ଅନେକ ଆଶା ସଞ୍ଚାର କରିଛି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



ଖଣ୍ଡପଡ଼ା,୧୭।୧୨(ସମିସ): ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ୨ ଦିନ ଧରି ମଧୁବନ ଖୋଲପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଶୁଭଲକ୍ଷ୍ମୀ ସାହୁଙ୍କ ଅଧ୍ୟକ୍ଷତାରେ ସୋମବାର ଓ ମଙ୍ଗଳବାର ଅନୁଷ୍ଠିତ ଦୌଡ଼କୁଦ, ଲମ୍ବଡିଆଁ ଓ ଉଚ୍ଚଡିଆଁ, ଧୀର ସାଇକଲ ଚାଳନା, ମ୍ୟୁଜିକ୍ ଚେୟାର, ରିଲେ ଦୌଡ଼ ଆଦି ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଉଭୟ ଦିବସରେ ପୃଥକ୍ ଭାବେ ମୁଖ୍ୟ ଅତିଥି ରୂପେ ଏସ୍‌ଡିପିଓ ମଦନମୋହନ ପ୍ରଧାନ ଏବଂ ବିଆର୍‌ସିସି ନାରାୟଣ ଦାଶ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବରିଷ୍ଠ ଶିକ୍ଷକ ବିଦ୍ୟାଧର ମହାରଣା ଓ ମନୋଜ କୁମାର ବିଶ୍ୱାଳଙ୍କ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କ୍ରୀଡ଼ା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ପ୍ରକାଶ ଥାଉକି, ଆଦର୍ଶ ବିଦ୍ୟାଳୟରେ ଖୋଲପଡ଼ିଆ ନ ଥିବାରୁ ଛାତ୍ରଛାତ୍ରୀମାନେ ଖେଳକୁଦ କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ଏଥିପ୍ରତି ପ୍ରଶାସନ, ସ୍ଥାନୀୟ ଜନପ୍ରତିନିଧି ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଲଡୁବାବାଙ୍କ ପହିଲି ଭୋଗ ପାଇଁ ଭିଡ଼

ଶରଣକୁଳ,୧୭।୧୨(ସମିସ): ଓଡ଼ିଶା ପ୍ରସିଦ୍ଧ ଶୈବ କ୍ଷେତ୍ର ଶରଣକୁଳ ଲଡୁବାବାଙ୍କ ପୀଠରେ ବୁଧବାରଠାରୁ ପହିଲି ଭୋଗ ଆରମ୍ଭ ହୋଇଛି। ମଙ୍ଗଳବାର ଧନୁ ସଂକ୍ରାନ୍ତି ଅବସରରେ ଠାକୁରଙ୍କ ନୀତିକାନ୍ତି ପାଳିତ ହୋଇଥିବାବେଳେ ପରମ୍ପରା ଅନୁଯାୟୀ, ବୁଧବାର ଭୋର୍ ୩ଟା ୩୦ରେ ମନ୍ଦିର ଚାରି



ପାଳିଆ ଉପସ୍ଥିତ ରହି ଠାକୁରଙ୍କ ପହୁଡ଼ ଭଙ୍ଗାଯାଇ ବଡ଼ପଣ୍ଡା ଓ ସେବାୟତଙ୍କ ଦ୍ୱାରା ୪ଟାରେ ଅବକାଶ ନୀତି, ୫ଟାରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ସହିତ ବଲ୍ଲଭ ଭୋଗ କରାଯାଇ ସକାଳ ୬ଟାରେ ସକାଳ ଧୂପ ତଥା ପହିଲି ଭୋଗ ଆରମ୍ଭ ହୋଇଥିଲା। ସକାଳ ୮ଟାରେ କ୍ଷୀରାଭିଷେକ ନୀତି, ଦିନ ୧୨ଟା ପରେ ମଧ୍ୟାହ୍ନ ଧୂପ ସମାପନ ପରେ ଠାକୁରଙ୍କ ପହୁଡ଼ ପଡ଼ିଥିଲା। ସନ୍ଧ୍ୟା ୫ଟା ୩୦ରେ ସନ୍ଧ୍ୟା ଆଳତି ଓ ଟେରା ଭୋଗ, ୭ଟା ୩୦ରେ ସନ୍ଧ୍ୟାଧୂପ, ପରେ ଚତୁସମ ନୀତି, ୮ଟା ୩୦ରେ ବଡ଼ସିଂହାର ଭୋଗ ଲାଗି କରାଯାଇ ଠାକୁରଙ୍କ ରାତ୍ରପହୁଡ଼ ନୀତି ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼, ମନ୍ଦିର ପରିଛା ତୋଷବନ୍ତ କର, ପୂଜାପଣ୍ଡା, ମାଳି ସେବାୟତ, ପଡ଼ିଆରି ସେବାୟତ ଏବଂ ଅନ୍ୟ ସେବାୟତମାନଙ୍କ ସହଯୋଗରେ ସମସ୍ତ ନୀତିକାନ୍ତି ସୁଚାରୁ ରୂପେ ପାଳିତ ହୋଇଥିଲା। ଏହି ପହିଲି ଭୋଗ, ପୂଜାନୀତି ପ୍ରତ୍ୟହ ଆସନ୍ତା ମକର ସଂକ୍ରାନ୍ତି ପୂର୍ବ ଦିନ ପର୍ଯ୍ୟନ୍ତ ଚାଲୁ ରହିବ। ପହିଲି ଭୋଗରେ କାନିକା ୧୧ ଥାଳି ଏବଂ ଖେଚୁଡ଼ି ୬ ଥାଳି ସହିତ ଡାଲି, ତରକାରୀ, ଖଟା, ଭଜା, ଖିରି ଇତ୍ୟାଦି ସୁସ୍ୱାଦୁ ଦ୍ରବ୍ୟ ଭୋଗଲାଗି ହୋଇଥାଏ। ବୁଧବାର ପ୍ରଥମ ଦିନରେ ଠାକୁରଙ୍କ ପହିଲି ପ୍ରସାଦ ପାଇବା ପାଇଁ ପୂର୍ବ ବର୍ଷ ପରି ଶତାଧିକ ଶ୍ରଦ୍ଧାଳୁ ସକାଳ ୬ଟାରେ ମନ୍ଦିର ଅଫିସ ଆଗରେ ଗହଳି ଲଗାଇଥିବା ଦେଖିବାକୁ ମିଳିଥିଲା।

# 'ଓଷ୍ଟା' ପକ୍ଷରୁ ଶିଶୁ ଉତ୍ସବ



ଓଡ଼ଗାଁ,୧୭।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ଜବାହରଲାଲ ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆନୁକୂଲ୍ୟରେ ଶିଶୁ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ଉତ୍ସବର ପ୍ରଥମ ଏବଂ ଦ୍ୱିତୀୟ ଅଧିବେଶନରେ ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରୀ ରାଜକିଶୋର ସାହୁ, ରଘୁନାଥ ମଲ୍ଲିକ ଏବଂ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଗୋବିନ୍ଦ ଚନ୍ଦ୍ର ଦାସ, ଅବସରପ୍ରାପ୍ତ ବ୍ଲକ୍ ଶିକ୍ଷାଧିକାରୀ ଦାମୋଦର ଖିଲାର ପ୍ରମୁଖ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଦ୍ୱିତୀୟ ଅଧିବେଶନରେ ଓଷ୍ଟାର ରାଜ୍ୟ କାର୍ଯ୍ୟକାରିଣୀ ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ସୁଦୀପ୍ତ କୁମାର ଦଳେଇ, ନୟାଗଡ଼ ଜିଲ୍ଲା ସମ୍ପାଦକ ମାନସ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ଘନଶ୍ୟାମ ରାଉତ, ଯୁଗ୍ମ ସମ୍ପାଦକ ପରମାନନ୍ଦ ଦଳେଇ, ଉପସଭାପତି ନିରାକାର ସ୍ୱାଇଁ, ଲକ୍ଷ୍ମୀଧର ମହାପାତ୍ର, ରମେଶ ଚନ୍ଦ୍ର ପ୍ରଧାନ, ଦେବରାଜ ସ୍ୱାଇଁ, ତ୍ରିନାଥ ନାଏକ, ସୁନିତା ବେହେରା, ଗୋଦାବରୀ ବସନ୍ତିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ତର୍କ, କଣ୍ଠସଙ୍ଗୀତ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ଆବୃତ୍ତି, ଗଳ୍ପ ଲିଖନ, କବିତା ରଚନା, ଏକକ ଅଭିନୟ ଓ ଏକକ ନୃତ୍ୟ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀମାନଙ୍କୁ ପ୍ରଶଂସାପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ବିଭାଗର ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନ ହାସଲ କରିଥିବା କୃତୀ ପ୍ରତିଯୋଗୀମାନେ ଜିଲ୍ଲାସ୍ତରକୁ ମନୋନୀତ ହୋଇଛନ୍ତି। ହାଇସ୍କୁଲର ପ୍ରଧାନଶିକ୍ଷକ ସୁଲୋଚନା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

**ଗଣିଆ** : ଗଣିଆ ବ୍ଲକ୍‌ରେ ଥିବା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କିଶୋର ପ୍ରସାଦ ପରିସରରେ ୪୨ତମ 'ଓଷ୍ଟା' ଶିଶୁ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦିନୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ସଭାପତି ଅଯୋଧ୍ୟା ନାଥ ନାୟକ, ମୁଖ୍ୟବକ୍ତା ରାଜ୍ୟ ସମ୍ପାଦକ ଓଷ୍ଟାର ମାଣିକେଶ୍ୱର ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିନାୟକ ପରିଡ଼ା, ସଂଯୋଜକ ପ୍ରଧାନଶିକ୍ଷକ ଜଗଦୀଶ ଚନ୍ଦ୍ର ମିଶ୍ର, ଗଣିଆ ବ୍ଲକ୍ 'ଓଷ୍ଟା'ର ସଭାପତି ଅରବିନ୍ଦ ମହାଲିକ, ସମ୍ପାଦକ ଗୋଲେଖ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ଅଣ ଅନୁଦାନପ୍ରାପ୍ତ ଓଡ଼ିଆ ମାଧ୍ୟମ ଉଚ୍ଚ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଯୁଗ୍ମ ସମ୍ପାଦକ ନବକିଶୋର ମହାରଣା, ଯୁଗ୍ମ ସମ୍ପାଦିକା ସସ୍ମିତା ମଣ୍ଡଳ, ଶିକ୍ଷୟିତ୍ରୀ ମିନତୀ ନାୟକ, ଜୟଶ୍ରୀ ମିଶ୍ର, ଆଶିଷ ନାୟକ, ସ୍ୱରୂପ ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ।

# ଖାଉଟି ଅଦାଲତ ଷ୍ଟେନୋଙ୍କ ବିୟୋଗରେ ଶୋକ




ନୟାଗଡ଼,୧୭।୧୨(ସମିସ): ଜିଲ୍ଲା ଖାଉଟି ବିବାଦ ସମାଧାନ ଅଦାଲତରେ କାର୍ଯ୍ୟରତ ବରିଷ୍ଠ ଷ୍ଟେନୋ ଧନୁର୍ଜୟ ନାୟକଙ୍କ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ଘଟିଛି। ଏହି ଅବସରରେ ଖାଉଟି ବିବାଦ ଆୟୋଗ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହେବା ସହ ସ୍ୱର୍ଗତ ନାୟକଙ୍କ ଅମର ଆତ୍ମାର ସଦ୍‌ଗତି କାମନା ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଶୋକସଭାରେ ଖାଉଟି ବିବାଦ ସମାଧାନ ଆୟୋଗର ସଭ୍ୟ କରୁଣାକର ନାୟକ, ଜିଲ୍ଲା ଓକିଲ ସଙ୍ଘ ସଭାପତି ରଣଜିତ୍ ଦାଶ, ସମ୍ପାଦକ ସ୍ୱଦେଶ ମିଶ୍ର, ଉପସଭାପତି ସନ୍ତୋଷ ରାଉତରାୟ, ବରିଷ୍ଠ ଆଇନଜୀବୀ ଅରୁଣ ମହାପାତ୍ର, ଦଣ୍ଡପାଣି ନାୟକ, କୃପାସିନ୍ଧୁ ନାୟକ, ରାଧାକୃଷ୍ଣ ସାହୁ, ଅର୍ଜୁନ ସାହୁ, ପୁଷ୍ପାଞ୍ଜଳି ମିଶ୍ର, ଦେବାଶିଷ ପଟ୍ଟନାୟକ, ରତିକାନ୍ତ ପଟ୍ଟନାୟକ, ଶିବାଶିଷ ମହାନ୍ତି, ଉଦୟନାଥ ମିଶ୍ର ପ୍ରମୁଖ ସ୍ୱର୍ଗତ ନାୟକଙ୍କ ଅମାୟିକ ବ୍ୟକ୍ତିତ୍ୱ, ନିଷ୍ଠାପରତା ଓ ପରୋପକାରିତା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ନାୟକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଥିଲା।

# ଚମ୍ପଡିପୁରଠାରେ ପାସେଞ୍ଜର ହଲ୍ଟ ନିର୍ମାଣ ଦାବି




ନୟାଗଡ଼,୧୭।୧୨(ସମିସ): ନୟାଗଡ଼ ସଦର ମହକୁମା ଇଟାମାଟି ପଞ୍ଚାୟତ ଅଧୀନ ଚମ୍ପଡିପୁର ବାଲୁଙ୍କେଶ୍ୱର ରେଲ୍‌ୱେ ସଂଗ୍ରାମ ସମିତି ପକ୍ଷରୁ ଦୀର୍ଘ ୮ ବର୍ଷ ଧରି ଚମ୍ପଡିପୁରଠାରେ ଏକ ପାସେଞ୍ଜର ହଲ୍ଟ ନିର୍ମାଣ ପାଇଁ ଦାବି ହୋଇ ଆସୁଛି। ଏହି ଦାବି ପୂରଣ ହେବାକୁ ନେଇ ୧୦ହଜାର ଦସ୍ତଖତ, ରାସ୍ତାରୋକ, ରେଳରୋକ ସହିତ ବାରମ୍ବାର ରେଳ ବିଭାଗ ଅଧିକାରୀଙ୍କୁ ଦେଖାକରିବା ସତ୍ତ୍ୱେ କେହି କର୍ଣ୍ଣପାତ କରୁନାହାନ୍ତି। ତେବେ ମଙ୍ଗଳବାର ଅନୁଷ୍ଠାନର ସଭାପତି ମନୋଜ କୁମାର ସାହୁ, ସମ୍ପାଦକ ନିରଞ୍ଜନ ସାଥୁଆ, ଉମେଶ ଚନ୍ଦ୍ର ପଟ୍ଟନାୟକ, ଗଙ୍ଗାଧର ନିଶଙ୍କ, ଶରତ ଚନ୍ଦ୍ର ବାଇ ପ୍ରମୁଖ ଏକତ୍ରିତ ହୋଇ ପୂର୍ବତଟ ରେଳ ବିଭାଗ ଖୋର୍ଦ୍ଧା ପରିଚାଳକ ଓ ପୂର୍ବତଟ ରେଳ ବିଭାଗ ଭୁବନେଶ୍ୱର ସାଧାରଣ ପରିଚାଳକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାଯାଇଛି। ଯଦି ଚମ୍ପଡିପୁରଠାରେ ପାସେଞ୍ଜର ହଲ୍ଟ ନିର୍ମାଣ କରା ନ ଯାଏ, ପୁଣିଥରେ ଗ୍ରାମବାସୀ ଏକାଠି ଆନ୍ଦୋଳନକୁ ଓହ୍ଲାଇବା ସହ ରେଳରୋକ କରିବା ପାଇଁ ଚେତାବନୀ ଦେଇଛନ୍ତି। ପ୍ରକାଶ ଥାଉକି, ଚମ୍ପଡିପୁରଠାରେ ପାସେଞ୍ଜର ହଲ୍ଟ ନିର୍ମାଣ ହେଲେ ଇଟାମାଟି, ପଣ୍ଡୁସର, ଲାଠିପଡ଼ା, ନାଟୁଗାଁ, ସଜନାପଡ଼ା, ଗୁଣ୍ଠୁଣି, ରାଣୀପଡ଼ା, ଶାଳଝରିଆ, ଗଦାଧରପ୍ରସାଦ, ସରଧାପୁର ପ୍ରଭୃତି ଗ୍ରାମପଞ୍ଚାୟତର ଜନସାଧାରଣ ଟ୍ରେନ୍‌ରେ ଯାତାୟାତ କରିବାର ସୁଯୋଗ ପାଇପାରିବେ। ବର୍ଷର ବିଭିନ୍ନ ସମୟରେ ପୁରୀକୁ ଲୋକମାନେ ଟ୍ରେନ୍‌ରେ ଯିବାଆସିବା କରିଥା'ନ୍ତି। ବର୍ତ୍ତମାନ ଛାତ୍ରଛାତ୍ରୀ, ସାଧାରଣ ଜନତା ଓ ବ୍ୟବସାୟୀମାନେ ଏଠାରେ ଟ୍ରେନ୍ ସେବାରୁ ବଞ୍ଚିତ ହେଉଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି।

# ଜିଲ୍ଲାସ୍ତରୀୟ ନିରନ୍ତର ବିକାଶ ଲକ୍ଷ୍ୟ ଉପରେ ପ୍ରଶିକ୍ଷଣ




ନୟାଗଡ଼,୧୭।୧୨(ସମିସ): ନୟାଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଜିଲ୍ଲାସ୍ତରୀୟ "ସଷ୍ଟେନେବଲ ଡେଭଲପ୍‌ମେଣ୍ଟ ଗୋଲ୍' ଉପରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ୍ ରାଉତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଡ. ଆଶୁତୋଷ ମିଶ୍ର, ଏସ୍‌ଆଇ ଡି. ସନ୍ତୋଷ କୁମାର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ରାଉତ କାର୍ଯ୍ୟକ୍ରମର ୧୭ଟି ଆଭିମୁଖ୍ୟ ଯଥା- ଦାରିଦ୍ର୍ୟମୁକ୍ତ, କ୍ଷୁଧାମୁକ୍ତ, ସୁସ୍ଥ ଓ ନିରାମୟ ଜୀବନ, ଗୁଣାତ୍ମକ ଶିକ୍ଷା, ଲିଙ୍ଗଗତ ସମାନତା, ସ୍ୱଚ୍ଛ ଜଳ ଓ ପରିମଳ, ସୁଲଭ ଓ ସ୍ୱଚ୍ଛ ଶକ୍ତି, ମର୍ଯ୍ୟାଦା ସମ୍ପନ୍ନ କାର୍ଯ୍ୟ ଓ ଅର୍ଥନୈତିକ ବିକାଶ, ଜଳ ଭିତରେ ଜୀବନ ଇତ୍ୟାଦି ଉପରେ ଆଲୋକପାତ କରିଥିଲେ। ଏହାପରେ ପୌର ପରିଷଦ ଅଧ୍ୟକ୍ଷ ୨୦୩୦ ମସିହା ସୁଦ୍ଧା ସଷ୍ଟେନେବଲ ଡେଭଲପ୍‌ମେଣ୍ଟ ଗୋଲ୍ ପାଇଁ ନୟାଗଡ଼ ଜିଲ୍ଲା ତୃଣମୂଳସ୍ତରରେ କିପରି ଲକ୍ଷ୍ୟ ହାସଲ କରାଯାଇପାରିବ ସେଥିପ୍ରତି ପରାମର୍ଶ ଦେଇଥିଲେ। ଜିଲ୍ଲାର ଉନ୍ନତି ପାଇଁ ସ୍ୱତନ୍ତ୍ର ଭାବେ ସ୍ୱପ୍ନ ଦେଖିବା ସହ ଯେକୌଣସି ଅଧିକାରୀ ନିଜର ପରିସର ଭିତରେ ତଥାକଥ ଦାୟିତ୍ୱ ପରିସରରୁ ବାହାରି ଆନ୍ତରିକତାର ସହିତ କିଛି କରିପାରିଲେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସାକାର ହୋଇପାରିବ ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ କହିଥିଲେ। ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ନୟାଗଡ଼ ଯୋଜନା ଉପରେ ୨୦୩୦ ସୁଦ୍ଧା ସମସ୍ତଙ୍କ ସମ୍ମିଳିତ ଚେଷ୍ଟା ଫଳରେ ସଷ୍ଟେନେବଲ୍ ଡେଭଲପ୍‌ମେଣ୍ଟ ଗୋଲ୍ ସାକାର ହୋଇପାରିବ ବୋଲି ଅଧ୍ୟାପକ ଶ୍ରୀ ମିଶ୍ର ମତ ରଖିଥିଲେ। ଏତଦ୍‌ବ୍ୟତୀତ ସଷ୍ଟେନେବଲ୍ ଡେଭଲପ୍‌ମେଣ୍ଟ ଗୋଲ୍-୨୦୩୦ର ଲକ୍ଷ୍ୟ ହାସଲ କରିବାକୁ ହେଲେ ପଞ୍ଚାୟତସ୍ତରରେ ତୃଣମୂଳସ୍ତରରୁ କାର୍ଯ୍ୟକ୍ରମକୁ ଆଗେଇନେବାକୁ ଶ୍ରୀ ପାତ୍ର କହିଥିଲେ।

# ୩ ଜେଲ୍ ଫେରନ୍ତାଙ୍କୁ ରାସ୍ତାରେ ଅଟକାଇ ଆକ୍ରମଣ

ବାଲୁଗାଁ,୧୭।୧୨(ସମିସ):

ବାଲୁଗାଁ ଥାନା ଅନ୍ତର୍ଗତ କେ କେ ନୂଆଗାଁର ତିନି ଜଣ ଯୁବକ ଏକ ମାମଲାରେ ଦୀର୍ଘ ୨୬ ଦିନ ପରେ କୋର୍ଟରୁ ଜାମିନ ପାଇ ବୁଧବାର ସନ୍ଧ୍ୟାରେ ବାଣପୁର ଉପକାରାଗାରରୁ ବାହାରି ଘରକୁ ଫେରୁଥିବା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କିଛି ଯୁବକ ଯୋଜନାବଦ୍ଧ ଭାବେ ରାସ୍ତାରେ ଗାଡିକୁ ଅଟକାଇ ତିନି ଜେଲ ଫେରନ୍ତାଙ୍କୁ ଅତର୍କିତ ଭାବେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ଦୁଇ ଜଣ ଜେଲ ଫେରନ୍ତା ଗୁରୁତର ଆହତ ହୋଇ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ସ୍ଥଳେ ଜଣେ କେଉଁ ଆଡେ ନିଖୋଜ ଥିବା ସହ ସେମାନଙ୍କୁ ଆଣିବାକୁ ଯାଇଥିବା ଗ୍ରାମର କିଛି ସାଥି ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଥିବା ସୂଚନା ମିଳିଛି। ଆହତ ଦୁଇ ଯୁବକ ବାଲୁଗାଁ କେ କେ ନୂଆଗାଁର ଦୀପକ ପଲେଇ ଓ ଆଲୋକ ରାଉତ ହୋଇଥିବା ସ୍ଥଳେ ସ୍ୱାଧିନ ଜାଲି ନିଖୋଜ ଅଛନ୍ତି।

ଗତ ନଭେମ୍ବର ୨୧ ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବାଲୁଗାଁ ପାଟଣା ସାହି ଓ କେ କେ ନୂଆଗାଁର କିଛି ଯୁବକଙ୍କ ମଧ୍ୟରେ ବାଲୁଗାଁ ଅଶୋକନଗର ନିକଟରେ

## ଦୁଇ ଗୁରୁତର, ଜଣେ ନିଖୋଜ

ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଉଭୟ ପକ୍ଷର ଅଭିଯୋଗ କ୍ରମେ ନଭେମ୍ବର ୨୨ରେ ଉଭୟ ଗୋଷ୍ଠୀର ୩ଜଣ ଲେଖାଏଁ ଯୁବକଙ୍କୁ ବାଲୁଗାଁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ତେବେ ଉକ୍ତ ମାମଲା ବିଚାରଧିନ ଥିବାବେଳେ ବୁଧବାର ବାଣପୁର କୋର୍ଟରେ କେ କେ ନୂଆଗାଁର ଯୁବକଙ୍କ ବେଲ୍ ଅପିଲକୁ ଶୁଣାଣି କରି ବିଚାରପତି ଜାମିନ ମଞ୍ଜୁର କରିଥିଲେ। ଜାମିନ ମଞ୍ଜୁର ହେବାରେ ଦୀପକ, ଆଲୋକ ଓ ସ୍ୱାଧୀନଙ୍କୁ ଆଣିବା ପାଇଁ ଗ୍ରାମର ୪ଜଣ ସାଥୀ ଯୁବକ ଏକ ବୋଲେରୋ ଗାଡି ନେଇ ବାଣପୁର ଉପକାରାଗାରକୁ ଯାଇଥିଲେ। ସନ୍ଧ୍ୟାରେ ଉପକାରାଗାରରୁ ବାହାରି ବୋଲେରୋରେ ଫେରୁଥିବା ସମୟରେ ମା ଭଗବତୀଙ୍କ ମନ୍ଦିର ଅନତି ଦୂର ରାସ୍ତାରେ ୪ଟି ବାଇକ୍‌ରେ ପ୍ରାୟ ୧୦ଜଣ ଯୁବକ ଆସି ବୋଲେରୋ ସମ୍ମୁଖରେ ଗାଡ଼ି ରଖି ଅଟକାଇ ବୋଲେରରେ ଥିବା ଜେଲ ଫେରନ୍ତାମାନଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ବୋଲେରୋ ଚାଳକ ଗାଡି ନେଇ ସେଠାରୁ ଖସି ଆସିଥିବା ବେଳେ ଆକ୍ରମଣରେ ଦୀପକ ଓ ଆଲୋକ ଦୁଇ ଜେଲ ଫେରନ୍ତା ଯୁବକ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ବେଳେ ସ୍ୱାଧୀନ ଆହତ ହେବା ସହ ନିଖୋଜ ଅଛନ୍ତି। ଖବର ପାଇ ବାଲୁଗାଁ ଏସଡିପିଓ ସଂଜୟ କୁମାର ପଟ୍ଟନାୟକ ଓ ଥାନା ଅଧିକାରୀ ଜୟପ୍ରକାଶ ପରିଡା ଡାକ୍ତରଖାନାରେ ପହଁଚି ଆହତଙ୍କୁ ଭେଟି ପଚାରି ବୁଝିବା ସହ ପୁଲିସ ଟିମ ନିଖୋଜ ସ୍ୱାଧୀନଙ୍କୁ ଖୋଜାଖୋଜି ଚଳାଇ ଘଟଣାର ତଦନ୍ତ ଚଳାଇଛି।



## ରାମକୃଷ୍ଣ ଶିକ୍ଷାକେନ୍ଦ୍ରରେ ଖାଦ୍ୟ ମେଳା



ନିରାକାରପୁର, ୧୭।୧୨ (ସମିସ): ଜଂକିଆ ରାମକୃଷ୍ଣ ଶିକ୍ଷା କେନ୍ଦ୍ରରେ ଖାଦ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ବାଞ୍ଛାନିଧି ବେହେରା ଅଧ୍ୟକ୍ଷତାରେ ସମ୍ପାଦକ ସର୍ବେଶ୍ୱର ସାହୁ, ପ୍ରଧାନ ଶିକ୍ଷକ ସୌରଭ ସ୍ନିଗ୍ଧ ଜେନା, ଶିକ୍ଷୟିତ୍ରୀ ରଶ୍ମିତା ଦଂପତି, ହରପ୍ରିୟା ଛୋଟରାୟ, ସଞ୍ଜୟ ବେହେରା, ଦିଲ୍ଲୀପ ପଣ୍ଡା, କଲ୍ୟାଣୀ ଭୁଜବଳ, ସଂଘମିତ୍ରା ବାରିକ, ମିତା ପ୍ରତାପ ସିଂହ, ପ୍ରଭାସିନୀ ବଳିଆରସିଂହ, ଶୋଭାବତୀ ସୁବୁଦ୍ଧି ଓ ସ୍ୱାସତିକା ଚୌହାନ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମେଳାରେ ଦହିବରା, ଚାଟ, ଗୁପ୍ ଚୁପ୍, ଚାଉମିନ, ରସଗୋଲା, ପୋଡ ପିଠା, ବ୍ରେଡ ଚପ, ମାଣ୍ଡିଆ ପିଠା, ଝାଲ ମଟର ପ୍ରଭୃତି ଛାତ୍ରଛାତ୍ରୀ ପ୍ରସ୍ତୁତି କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଦିଲ୍ଲୀପ କୁମାର ବେହେରା ପରିଚାଳନା କରିଥିଲେ।

## ଆଜିଠୁ ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍

ଟାଙ୍ଗୀ,୧୭।୧୨(ସମିସ) : କୁହୁଡି ମହାବୀର ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ୬୬ତମ ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଉଦ୍ଘାଟନୀ ମ୍ୟାଚରେ ଆସନ୍ତାକାଲି (ଗୁରୁବାର) ଦକ୍ଷିଣପୂର୍ବ ରେଳପଥ ଖଡକପୁରକୁ ସ୍ପୋର୍ଟସ ହଷ୍ଟେଲ ନୟାଗଡ଼ ଭେଟିବ। ୧୯ ତାରିଖ ଦିନ ବୋକାରୋ ସହିତ ବାରିପଦା ସ୍ପୋର୍ଟସ ହଷ୍ଟେଲ, ୨୦ ତାରିଖରେ ୧୮ ତାରିଖର ବିଜେତା ସହିତ ଚେନ୍ନାଇ ପୋଲିସ, ୨୧ ତାରିଖରେ ୧୯ ତାରିଖର ବିଜେତା ସହିତ ମଣିପୁର, ୨୨ତାରିଖରେ ଧାନବାଦ ସହିତ ଗଣ୍ଡରପୁର, ୨୩ ତାରିଖରେ ଓଡ଼ିଶା ପୋଲିସ ସହିତ ସେରସା ଚକ୍ରଧରପୁର, ୨୪ ତାରିଖରେ ୨୨ ତାରିଖର ବିଜେତା ସହିତ ଚାଇବାସା ଏକାଡେମୀ, ୨୫ ତାରିଖରେ ୨୩ ତାରିଖର ବିଜେତା ସହିତ ମଙ୍ଗଳା କ୍ଲବ, କଟକ, ୨୬ ତାରିଖରେ ପ୍ରଥମ ସେମିଫାଇନାଲ, ୨୭ ତାରିଖରେ ଦ୍ୱିତୀୟ ସେମିଫାଇନାଲ ଓ ୨୮ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସଂପାଦକ ମନୋଜ ମାନସିଂହ ସୂଚନା ଦେଇଛନ୍ତି।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବାର୍ଷିକ କ୍ରୀଡ଼ା



ଟାଙ୍ଗୀ, ୧୭।୧୨(ସମିସ) : ଟାଙ୍ଗୀ ବ୍ଲକ କୁହୁଡି ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୩୦ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଭବାନୀ ପରିଡ଼ା ଉଦଘାଟନ କରିବା ସହିତ ମଶାଲ ଲଗାଇ କ୍ରୀଡାର ଶୁଭାରମ୍ଭ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ଶାନ୍ତିଲତା ଜେନା ଓ ବିନୋଦିନୀ ମହନ୍ତ ବାର୍ଷିକ କ୍ରୀଡା ଉତ୍ସବ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ କୁହୁଡି ସରପଞ୍ଚ ଜୟଦେବ ବେହେରା, ସାମ୍ବାଦିକ ରମେଶ ଚନ୍ଦ୍ର ନାଇଡୁ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶୁଭଦର୍ଶନୀ ସାହୁ ସ୍ପୋର୍ଟସ ଚାମ୍ପିଅନ ହୋଇଥିଲେ। ସିଦ୍ଧାର୍ଥ ପଟ୍ଟନାୟକ ଓ ଶୁଭଶ୍ରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ସ୍ତ୍ରୀ ଓ ଝିଅକୁ ପୋଡ଼ି ମାରିଦେବାକୁ ଉଦ୍ୟମ; ଅଭିଯୁକ୍ତ ଗିରଫ



ଜଟଣୀ,୧୭।୧୨(ସମିସ): ଜଟଣୀ ବ୍ଲକ କୁହା ଗ୍ରାମରେ ଜଣେ ବ୍ୟକ୍ତି ନିଜ ସ୍ତ୍ରୀ ଓ ଝିଅକୁ ପୋଡି ମାରିଦେବାକୁ ଉଦ୍ୟମ କରିଛନ୍ତି। ଘଟଣା ସ୍ଥଳରେ ଏୟାରଫିଲଡ ପୁଲିସ ପହଞ୍ଚି ଅଭିଯୁକ୍ତ ସ୍ୱାମୀ ଅଜିତ ମଲିକକୁ ଗିରଫ କରି କୋର୍ଟ ଚାଲାଣ କରିଛି। କୁହା ଗ୍ରାମର ବବିତା ମଲ୍ଲିକ ନାମ୍ନୀ ଜଣେ ମହିଳା ଭୋର ୪ ଟା ସମୟରେ କଣ୍ଟ୍ରୋଲ ରୁମକୁ ଫୋନ କରିଥିଲେ। ତାଙ୍କ ଝିଅ ସହିତ ସେ ଘରେ ଶୋଇଥିବା ବେଳେ କେହି ନିଆଁ ଲଗେଇ ଦେଇଥିଲେ। ଖବର ପାଇ ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ମହିଳାଙ୍କ ସହ ତାଙ୍କ ସ୍ୱାମୀ ଝଗଡା କରୁଥିବା ପୁଲିସ ଦେଖିବାକୁ ପାଇଥିଲା । ଅଜିତ ହିଁ ସେହି ଘରେ ନିଆଁ ଲଗାଇ ସ୍ତ୍ରୀ ଓ ଝିଅକୁ ପୋଡି ମାରିଦେବାକୁ ଉଦ୍ୟମ କରିଥିବା ପ୍ରାଥମିକ ତଦନ୍ତରୁ ଜଣା ପଡିଥିଲା । ନିଆଁ ଲାଗିବା ପରେ ସୌଭାଗ୍ୟ ବଶତଃ ମହିଳା ଜଣକ ସେଠାରୁ ଖସି ଆସି ନିଜ ଜୀବନ ରକ୍ଷା କରିଥିଲେ। ଅଭିଯୁକ୍ତ ଏକ କୁରାଢ଼ୀ ଧରି ସ୍ତ୍ରୀକୁ ମାରିବାକୁ ମଧ୍ୟ ଉଦ୍ୟମ କରିଥିଲା। ପୁଲିସ ବହୁ ପ୍ରୟାସ କରି ଅଭିଯୁକ୍ତକୁ କାବୁ କରିବା ସହ ଗିରଫ କରିଥିଲା । ସ୍ୱାମୀ ସ୍ତ୍ରୀ ମଧ୍ୟରେ ପୂର୍ବରୁ କଳହ ଲାଗିବା ସହ ଏୟାରଫିଲଡ ଥାନାରେ ମାମଲା ମଧ୍ୟ ରହିଛି।

## ଛାତ୍ରବୃତ୍ତି ଆବେଦନକୁ କେନ୍ଦ୍ରକରି ଉତ୍ତେଜନା

ନିରାକାରପୁର, ୧୭।୧୨ (ସମିସ): ଖୋର୍ଦ୍ଧା ଜିଲ୍ଲା ଗୋଳବାଇ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରିମାଟ୍ରିକ ଛାତ୍ରବୃତ୍ତି ଆବେଦନକୁ କେନ୍ଦ୍ର କରି ଉତ୍ତେଜନା ଦେଖା ଦେଇଥିଲା। ସରକାରୀ ଭଗବତୀ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ୧୧୨ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ନବମ ଶ୍ରେଣୀରେ ୮୯ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ସରକାର ନବମ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପ୍ରିମାଟ୍ରିକ୍ ସ୍କଲାରସିପ୍ ପାଇଁ ଅନ୍‌ଲାଇନରେ ଆବେଦନ ପତ୍ର ଗ୍ରହଣ କରୁଥିବା ବେଳେ ଚଳିତ ମାସ ୧୨ ତାରିଖ ଥିଲା ଆବେଦନର ଶେଷ ତାରିଖ। ପ୍ରଧାନ ଶିକ୍ଷୟିତ୍ରୀ ନବମ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଅନ୍‌ଲାଇନରେ ଆବେଦନ କରିବାକୁ କହିଥିଲେ। ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷକ ଓ କିରାଣି ନ ଥିବାରୁ ସେ ଏହି କାର୍ଯ୍ୟ ସିଏସି କେନ୍ଦ୍ର ମାଧ୍ୟମରେ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଜଣାଇବା ସହିତ ଛାତ୍ରଛାତ୍ରୀ ଆବେଦନ କରିବା ସମୟରେ ଉକ୍ତ ଏଜେନ୍ସିକୁ ବିଦ୍ୟାଳୟ ଆଇଡି ଏବଂ ଓଟିପି ପ୍ରଦାନ କରିଥିଲେ। ଏ ବାବଦରେ ଉକ୍ତ ଏଜେନ୍ସି ଛାତ୍ରଛାତ୍ରୀଙ୍କଠାରୁ କିଛି ଅର୍ଥ ରାଶି ନେଇଥିଲେ। ଏହି ପରି ୫୮ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ। ହେଲେ ବିଦ୍ୟାଳୟରେ ମାଗଣାରେ ନ ହୋଇ ବାହାରେ କାହିଁକି ପଇସା ଦିଆଯିବ ବୋଲି ଅଭିଭାବକମାନେ ଯୁକ୍ତି ବାଢ଼ି ଆଜି ବିଦ୍ୟାଳୟ ନିକଟରେ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ପଇସା ପାଇବାର ପ୍ରତିଶ୍ରୁତି ପାଇବା ପରେ ଏହି ଉତ୍ତେଜନା କମିଥିଲା । ତେବେ ସିଏସି କେନ୍ଦ୍ରକୁ କହି ଅର୍ଥ ଫେରିବାର ବ୍ୟବସ୍ଥା କରିବେ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ପାଲ କହିଛନ୍ତି।

## ଖୋର୍ଦ୍ଧା ମହୋତ୍ସବ

# ଦ୍ୱିତୀୟ ସନ୍ଧ୍ୟାରେ ପାରମ୍ପରିକ ଲୋକକଳା ପ୍ରଦର୍ଶନ



ଖୋର୍ଦ୍ଧା,୧୭।୧୨(ସମିସ): ସ୍ଥାନୀୟ ବିଡିଏ ପଡ଼ିଆରେ ଖୋର୍ଦ୍ଧା ମହୋତ୍ସବର ରୌପ୍ୟ ଜୟନ୍ତୀ ସମାରୋହର ଦ୍ୱିତୀୟ ସନ୍ଧ୍ୟାରେ ଆଜି ବହୁ ଜନ ସମାବେଶ ହୋଇଥିଲା। ମଂଚରେ ନୃତ୍ୟାୟନ ଖୋର୍ଦ୍ଧା, ସଂସ୍କାର ଭାରତୀ ଖୋର୍ଦ୍ଧା, ମୟୂରଭଞ୍ଜ ର ଛଉନୃତ୍ୟ ର କଳାକାରମାନେ ଆକର୍ଷଣୀୟ ନୃତ୍ୟ ସଙ୍ଗୀତ ପରିବେଷଣ ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ। ସନ୍ଧ୍ୟାରୁ ଲୋକଙ୍କ ଭିଡ଼ ଲାଗି ରହିଥିବାର ଦେଖା ଯାଇଥିଲା। ଖୋର୍ଦ୍ଧା ମହୋତ୍ସବର ମୁଖ୍ୟ ଉପଦେଷ୍ଟା ବିଧାୟକ ପ୍ରଶାନ୍ତ ଜଗଦେବ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଅତିଥିଭାବେ ଯୋଗଦେଇ ଖୋର୍ଦ୍ଧା ମହୋତ୍ସବ ଶିକ୍ଷା, ସୂଚନା, ସେବା ସାଂସ୍କୃତିକ ସମ୍ଭାରର ଅନନ୍ୟ ନିଦର୍ଶନ ବୋଲି କହିଥିଲେ। ଦ୍ୱିତୀୟ ସନ୍ଧ୍ୟା ମହୋତ୍ସବରେ ପରିଚାଳନା କମିଟି ସଭାପତି, ସମ୍ପାଦକ ସମେତ ବହୁ ଜନପ୍ରତିନିଧି, ବୁଦ୍ଧିଜୀବୀ, ସାହିତ୍ୟ ସଂସ୍କୃତି ପ୍ରେମୀ ପ୍ରମୁଖ ଯୋଗଦେଇଥିଲେ।

## ମଦ୍ରାସା ଇସ୍‌ଲାମିୟା ବିଦ୍ୟାଳୟରୁ କଟିଲା ବିଦ୍ୟୁତ୍ ସଂଯୋଗ

ବାଣପୁର,୧୭ ।୧୨(ସମିସ) : ବାଣପୁର ଏନ୍ଏସି ଅନ୍ତର୍ଗତ ୯ ନମ୍ବର ୱାର୍ଡ ସ୍ଥିତ ସଂଖ୍ୟା ଲଘୁ ଶିକ୍ଷା ଅନୁଷ୍ଠାନ ମାଦ୍ରାସା ଇସଲମିୟା ବିଦ୍ୟାଳୟରେ ବେଆଇନ ଭାବେ ଚୋରାରେ ବିଦ୍ୟୁତ ସଂଯୋଗ କରି ବହୁ ଦିନ ଧରି ବ୍ୟବହାର କରି ଆସୁଥିବା ନେଇ ଅଭିଯୋଗରେ ଟିପିସିଓଡିଏଲ ପକ୍ଷରୁ ଚଢ଼ାଉ କରି ଉକ୍ତ ବିଦ୍ୟାଳୟ ଏବଂ ସେଠାରୁ ବେଆଇନ ଭାବେ ବିଦ୍ୟୁତ ସଂଯୋଗ କରାଯାଇଥିବା ୩ଗୋଟି ଦୋକାନ ଘରରୁ ବିଦ୍ୟୁତ ସଂଯୋଗକୁ ବିଛିନ୍ନ କରାଯାଇଛି।

ବାଣପୁର ବଜାର ମୁସଲମାନ ସାହିସ୍ଥିତ ମଦ୍ରାସା ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ଚୋରାରେ ବିଦ୍ୟୁତ ସଂଯୋଗ ନେଇ ବ୍ୟବହାର ହେଉ ଥିବା ନେଇ ଅଭିଯୋଗ ପାଇ ଟାଟା ପାୱାର କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ ବିଦ୍ୟାଳୟରେ ଚଢ଼ଉ କରିଥିଲେ। ଚଢଉ ବେଳେ ବିଦ୍ୟାଳୟରେ ବିଦ୍ୟୁତ ମିଟର ନଥିବା ବେଳେ ବିଦ୍ୟୁତ ବିଲ ଦେଉ ନଥିବା ସହ ବିଦ୍ୟାଳୟରୁ ବେଆଇନ ଭାବେ ୩ଗୋଟି ଦୋକାନ ଘରକୁ ବିଦ୍ୟୁତ ସଂଯୋଗ ଦିଆଯାଇଥିବା ଦେଖିବାକୁ ପାଇଥିଲେ। ଦୀର୍ଘ ବର୍ଷ ହେବ ଚୋରା ବିଦ୍ୟୁତ ବ୍ୟବହାର ହୋଇଆସୁଥିବା ବେଳେ ବିଭାଗ କିପରି ଏହାକୁ ଜାଣି ପାରିଲା ନାହିଁ, ନା କାହା ଚାପରେ ଚୁପ ବସିଥିଲା ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ବିଦ୍ୟୁତ ବିଭାଗର ବାଣପୁର ଜେଇ ଏବଂ ବାଲୁଗାଁ ଡିଭିଜନ ଏସଡିଓ ଦିଲୀପ କୁମାର ମାଝୀ କହିଛନ୍ତି ବିଦ୍ୟୁତ ଚୋରି ଅଭିଯୋଗରେ ବିଦ୍ୟୁତ ଧାରା ୧୩୫ ଆକ୍ଟ ଅନୁଯାଇ ବିଦ୍ୟୁତ ସଂଯୋଗ ବିଛିନ୍ନ କରାଯିବା ସହିତ ଓଇଆରସି ନିୟମ ଅନୁଯାଇ ଜରିମାନା ଆଦାୟ କରାଯିବା ପରେ ବିଦ୍ୟୁତ ସଂଯୋଗ ଦିଆଯିବ। ଯେଉଁ ଦୋକାନ ଘରକୁ ବେଆଇନ ବିଦ୍ୟୁତ ସଂଯୋଗ କରା ଯାଇଥିଲା ତାହାକୁ କୌଣସି ପରିସ୍ଥିତିରେ ବିଦ୍ୟୁତ ସଂଯୋଗ ଦିଆଯିବ ନାହିଁ ବୋଲି କହିଥିଲେ। ଏ ସମ୍ପର୍କରେ ଉକ୍ତ ମାଦ୍ରାସାର କର୍ତ୍ତୃପକ୍ଷ ଅବଦୁଲ ଗନୀଙ୍କୁ ପଚାରିବାରେ ସେ ଉକ୍ତ ବିଦ୍ୟାଳୟରେ ୨୦୦୬ ମସିହାରୁ ରହିଥିବା ବେଳେ ୨ବର୍ଷ ହେବ ଦାୟିତ୍ୱରେ ରହିଛନ୍ତି, ମାତ୍ର ସେ କିଛି ଜାଣି ନଥିବା କହିଥିଲେ।

## ରେଳ ଲାଇନ ପାର୍ଶ୍ୱରୁ ମୃତଦେହ ଉଦ୍ଧାର

ବେଗୁନିଆ,୧୭।୧୨(ସମିସ): ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ବେଗୁନିଆ ଷ୍ଟେସନର ରେଳ ଲାଇନ ପାର୍ଶ୍ୱରୁ ବୁଧବାର ସନ୍ଧ୍ୟାରେ ଏକ ଅଚିହ୍ନା ମହିଳାଙ୍କ ଶବ ଉଦ୍ଧାର କରାଯାଇଛି। ଖୋର୍ଦ୍ଧା ରୋଡ ଡିଭିଜନର ପୁଲିସ ଅଧିକାରୀ ଆର୍ ଶଙ୍କର ରାଓଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ନ ଥିବା ବେଳେ ଗୁରୁବାର ପୂର୍ବାହ୍ନରେ ତଦନ୍ତ ଆରମ୍ଭ ହେବ ବୋଲି କହିଛନ୍ତି। ମୃତଦେହକୁ ଜିଲ୍ଲା ମେଡିକାଲକୁ ପଠାଯାଇଛି।

## ମଇଁଷି ବୋଝେଇ ଟ୍ରକ୍ ଜବତ

ଖୋର୍ଦ୍ଧା,୧୭।୧୨(ସମିସ): ସଦରଥାନା ପୁଲିସ ୧୬ନଂ ଜାତୀୟ ରାଜପଥ ର ଦଧିମାଛଗାଡିଆ ଛକ ନିକଟରୁ ମଇଁଷି ବୋଝେଇ ଟ୍ରକକୁ ଜବତ କରିଛି। ଏଥିରେ ନିର୍ଦ୍ଦୟଭାବେ ବନ୍ଧା ହୋଇଥିବା ୨୬ପଣ୍ଡା ଓ ମଇଁଷିକୁ ଉଦ୍ଧାର କରିବା ସହ ଏହି ଘଟଣାରେ ଟ୍ରକ ଡ୍ରାଇଭରକୁ ଗିରଫ କରାଯାଇଛି। ଗିରଫ ଜଣକ ହେଲେ ପଶ୍ଚିମବଙ୍ଗ ବରଦୱାନ ଜିଲ୍ଲା ଦୁର୍ଗାପୁରର କମଲେଶ ଯାଦବ (୩୪)।



### ୨୬ ମଇଁଷି ଉଦ୍ଧାର, ଯୁବକ ଗିରଫ

ନୂତନ ଥାନା ଅଧିକାରୀ ବାସୁଦେବ ଜୟସିଂହଙ୍କ ସୂଚନା ଅନୁସାରେ, ଏକ ମଇଁଷି ବୋଝେଇ ଟ୍ରକ କଟକ ଜଗତପୁରରୁ ଆନ୍ଧ୍ରପ୍ରଦେଶ ଯାଉଥିବା ଖବର ମିଳିଥିଲା। ତାକୁ ଧରିବା ଲାଗି ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ପୁଲିସ ଯାଞ୍ଚ କରିଥିଲା। ଏହି ସମୟରେ ଏପି- ୩୯ ଟିଜେ-୪୪୭୭ ଟ୍ରକ୍ କୁ ଅଟକାଇ ଯାଞ୍ଚ ସମୟରେ ଟ୍ରକ୍ ଭିତରେ ଅତି ନିର୍ଦ୍ଦୟଭାବେ ଦଉଡିରେ ପଣ୍ଡା ଓ ମଇଁଷିକୁ ବନ୍ଧାଯାଇଥିବା ଦେଖିଥିଲେ। ଚାଲାଣର କୌଣସି କାଗଜପତ୍ର ନ ଦେଖାଇବାରୁ ପୁଲିସ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରିଥିଲା। ତଦନ୍ତ ସମୟରେ ଅଭିଯୁକ୍ତ ନିଜେ ଏବଂ ତାର ସହଯୋଗୀ ବିଭିନ୍ନ ସ୍ଥାନରୁ ମଇଁଷି ଚୋରି କରି ଆଣି ଚାଲାଣ କରୁଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଉଦ୍ଧାର ୨୬ ମଧ୍ୟରୁ ୧୧ଟି ମଇଁଷି ଥିବାବେଳେ ୧୫ଟି ପଣ୍ଡା ରହିଥିଲେ। ପ୍ରାଥମିକ ଚିକିତ୍ସା ପରେ ପୁଲିସ ବୋଲଗଡସ୍ଥିତ ଗୋଶାଳାରେ ଛାଡିଛି। ପୁଲିସ ଏକ ମାମଲା ରୁଜୁ କରି କମଲେଶକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଟାଙ୍ଗୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଟାଙ୍ଗୀ,୧୭।୧୨(ସମିସ): ଟାଙ୍ଗୀ ତହସିଲ ଅଧିନସ୍ଥ ଜରିପୁଟ ଓ ଜୟମଙ୍ଗଳପୁର ଗ୍ରାମର କଳାମୁଗୁନି ପାହାଡ଼ରୁ ସରକାରୀ ନିୟମ ଉଲ୍ଲଙ୍ଘନ କରି ବ୍ଲାଷ୍ଟିଙ୍ଗ, ପଥର ଉତ୍ତୋଳନ ଓ ପରିବହନ ଯୋଗୁ ପରିବେଶ ପ୍ରଦୂଷଣ, ଜମି, ଫସଲ, ରାସ୍ତାଘାଟ ର କ୍ଷୟକ୍ଷତି, ବାସଗୃହ ନଷ୍ଟ ହେବା ସାଙ୍ଗକୁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇ କୌଣସି ସୁଫଳ ନ ମିଳିବା ହେତୁ ବୁଧବାର ଦିନ ଆଞ୍ଚଳିକ ପରିବେଶ ସୁରକ୍ଷା ସଂଗ୍ରାମ ସମିତି ତରଫରୁ ଶତାଧିକ ମହିଳା ଓ ପୁରୁଷ ଟାଙ୍ଗୀ ବଜାର ପରିକ୍ରମା କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ରମେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଏଥିରେ କୃଷକ ନେତା ଅନନ୍ତ ମଙ୍ଗରାଜ ଶରତ ମହାପାତ୍ର, ଅଶୋକ ମାନଧାତା, ଯୁବ ନେତା ବିଧୁଭୂଷଣ ମହାରଣା ଓ ଖୋର୍ଦ୍ଧା ଜିଲା ମାର୍କ୍ସବାଦୀ କମ୍ୟୁନିଷ୍ଟ ଦଳର ସମ୍ପାଦକ ଗିରିଶ ଚନ୍ଦ୍ର ମହାରଣା ସରକାରଙ୍କ ଜନବିରୋଧୀ ନୀତିର ସମାଲୋଚନା କରି ତୁରନ୍ତ କ୍ଷତିଗ୍ରସ୍ତ ଲୋକଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ଦାବି କରାଯାଇଥିଲା। ଅପରାହ୍ନ ୨.୩୦ରେ ତହସିଲଦାର ନିଷ୍ପା ମହାପାତ୍ର ଧାରଣାସ୍ଥଳରେ ପହଞ୍ଚି ସଂଗ୍ରାମ ସମିତି ନେତୃତ୍ୱଙ୍କ ସହିତ ଆଲୋଚନା କରିଥିଲେ। ବିକ୍ଷୋଭକାରୀମାନେ ସମାଧାନ ପାଇଁ ଅଟଳ ରହିବା ପରେ ତହସିଲଦାର ଉପରିସ୍ଥ ଅଧିକାରୀଙ୍କ ସହିତ ଫୋନରେ ଯୋଗାଯୋଗ କରି ଖୋର୍ଦ୍ଧା ଖଣି ବିଭାଗ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଲେଖିବା ସହ ତାହାର ନକଲ ଉପ ଜିଲାପାଳ, ଜିଲ୍ଲାପାଳ ଓ ସଂଗ୍ରାମ ସମିତିକୁ ପ୍ରଦାନ କରି ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ନିବେଦନ କରିଥିଲେ। ଏହି ଚିଠି ପାଇବା ପରେ ଆନ୍ଦୋଳନକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଥିବା ସଂଗ୍ରାମ ସମିତି ତରଫରୁ ଘୋଷଣା କରାଯାଇଥିଲା।

## ସଦର ଥାନାରେ ନୂତନ ଥାନାଧିକାରୀ



ଖୋର୍ଦ୍ଧା, ୧୭।୧୨(ସମିସ): ଖୋର୍ଦ୍ଧା ସଦର ଥାନାର ନୂତନ ଭାରପ୍ରାପ୍ତ ଥାନା ଅଧିକାରୀ ଭାବେ ବାସୁଦେବ ଜୟସିଂହ ଯୋଗଦେଇଛନ୍ତି। ଶ୍ରୀ ଜୟସିଂହ ପୂର୍ବରୁ ଶିଳ୍ପାଞ୍ଚଳ ଥାନାରେ କାର୍ଯ୍ୟ କରିଛନ୍ତି।

ସଦର ଥାନା ଗ୍ରାମାଞ୍ଚଳ ହୋଇଥିବାରୁ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାରେ ସଦର ଥାନା ସଦାସର୍ବଦା କାର୍ଯ୍ୟ କରିବ ବୋଲି ନୂତନ ଥାନା ଅଧିକାରୀ ଶ୍ରୀ ଜୟସିଂହ କହିଛନ୍ତି।

## ପୋଖରୀରେ ବୁଡ଼ି ଯୁବକ ନିଖୋଜ!

ବେଗୁନିଆ,୧୭।୧୨(ସମିସ): ବାଘମାରୀ ଥାନା ଅନ୍ତର୍ଗତ ଅଟ୍ରି ଗ୍ରାମ ହରିଜନ ସାହିର ବସନ୍ତ ନାୟକ ବୁଧବାର ଦିନ ମଧ୍ୟାହ୍ନ ସମୟରେ ଗାଧୋଇବାକୁ ଯାଇଥିଲେ। ସେ ବହୁ ସମୟ ଧରି ନ ଫେରିବାରୁ ସନ୍ଧ୍ୟା ସମୟରେ ପୋଖରୀ କୂଳରେ ମୋବାଇଲ, ପିନ୍ଧିଥିବା ସାର୍ଟ ଓ ଟଙ୍କା ଥୁଆ ହୋଇ ଥିବାର ଦେଖିବାକୁ ମିଳିଥିଲା। ସନ୍ଦେହରେ ବେଗୁନିଆ ଦମକଳ ବାହିନୀକୁ ଫୋନ କରିବାରୁ କର୍ମଚାରୀ ପହଞ୍ଚି ପୋଖରୀ ଭିତରେ ଖୋଜାଖୋଜି ଆରମ୍ଭ କରିଥିଲେ। ଅତ୍ୟଧିକ ଥଣ୍ଡା ଓ ଲାଇଟ୍ ବ୍ୟବସ୍ଥା ନ ଥିବାରୁ ଖୋଜିବା ସମ୍ଭବପର ହୋଇପାରି ନାହିଁ। ଆସନ୍ତା କାଲି ପୂର୍ବାହ୍ନରେ ଖୋଜାଖୋଜି କରାଯିବ ବୋଲି ଅଗ୍ନିଶମ ବିଭାଗ ଅଧିକାରୀ ରୁଦ୍ର ମାଧବ ମଲ୍ଲିକ ଯୋଗାଯୋଗରେ କହିଥିଲେ। ଏପରିକି ପରିବାର ପକ୍ଷରୁ ନିଖୋଜ ଖବର ବାଘମାରୀ ଥାନାରେ ଲିଖିତ ଅଭିଯୋଗ ହୋଇ ନାହିଁ ବୋଲି ନୂତନ ଭାବେ ଯୋଗଦାନ କରିଥିବା ସୁଚିତ୍ରା ଜେନା କହିଛନ୍ତି।

# ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ୍ ଗାଇଡ୍ କାମ୍ପୋରି ଉଦ୍‌ଯାପିତ

ଖୋର୍ଦ୍ଧା,୧୭।୧୨(ସମିସ):



ବିଜେବି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ଖୋର୍ଦ୍ଧା ଜିଲ୍ଲା ଭାରତ ସ୍କାଉଟସ୍ ଗାଇଡ୍ ତ୍ରିଦିବସୀୟ କାମ୍ପୋରି ଆଜି ସନ୍ଧ୍ୟାରେ ଉଦଯାପିତ ହୋଇଛି। ଜିଲ୍ଲା ମୁଖ୍ୟ କମିସନର ତଥା ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସମ୍ପାଦକ ଶରତ ପାଇକରାୟ, ସହ ସମ୍ପାଦିକା ଅନାମିକା ଦାସ, ଖୋର୍ଦ୍ଧା ପୌର ପରିଷଦ ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ଜିଲ୍ଲା ସଂପାଦକ ସୁଧାକର ମହାପାତ୍ର କ୍ୟାମ୍ପୋରିର ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେବି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ସଙ୍ଗଠନ ସଂପାଦକ ବିଭୁ ପ୍ରସାଦ ସେନାପତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନା, ରଶ୍ମିବାଳା ପରିଡା, ବିଜୟ ବେହେରା ପ୍ରମୁଖ ଉଦବୋଧନ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

ପ୍ରାରମ୍ଭରେ ଅତିଥିଙ୍କ ସମ୍ମୁଖରେ ସ୍କାଉଟ୍ ଗାଇଡ ମାନଙ୍କ ଦ୍ୱାରା ପିଜାଣ୍ଟ ଶୋ' ଅନୁଷ୍ଠିତ ହୋଇଥିଲା। ପିଜାଂଟ ସୋ ବ୍ୟାଣ୍ଡ ଡିସ ପ୍ଲେ, ଶାରୀରିକ କୌଶଳ ଷ୍କିଲୋ ରାମା, କୁଇଜ୍ ,ଓ ଗାଁ ହାଟରେ ଖୋର୍ଦ୍ଧା ବ୍ଲକ୍ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପାରମ୍ପାରିକ ନୃତ୍ୟ, ମାର୍ଚ୍ଚ ଫାଷ୍ଟ, କଲର୍ ପାର୍ଟି ଓ ପ୍ରଦର୍ଶନୀ ରେ ବୋଲଗଡ଼ ବ୍ଲକ ଓ ଖାଦ୍ୟ ପ୍ଲାଜା ରେ ଜଟଣୀ ବ୍ଲକ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ରେବତୀ ପଣ୍ଡା ସଂଯୋଜନା କରିଥିବାବେଳେ ଖୋର୍ଦ୍ଧା ମଣ୍ଡଳ ଶିକ୍ଷା ଅଧିକାରୀ ଯାଜ୍ଞସେନୀ ସାହୁ ଧନ୍ୟବାଦ ଦେଇଥିଲେ। ସ୍କାଉଟ ପତାକା ଅବତରଣ ସହିତ ସିବିରାଗ୍ନି ଅନୁଷ୍ଠିତ ହୋଇ ୩ ଦିନର ଏହି ମେଳା ଉଦଯାପିତ ହୋଇଥିଲା। ବାଘେଇଟାଙ୍ଗି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଲେଇ ବେଷ୍ଟ ସ୍କାଉଟ ଶିକ୍ଷକ ଭାବେ ସମ୍ମାନିତ ହୋଇଥିଲେ।

## ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା




ଖୋର୍ଦ୍ଧା,୧୭।୧୨(ସମିସ): ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡ଼ିଆରେ ଏକ ଦିବସୀୟ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି। ଖୋର୍ଦ୍ଧା ଜିଲ୍ଲା ଉପନିର୍ଦ୍ଦେଶକ ନିଯୁକ୍ତି ତଥା ଦକ୍ଷତା ବିକାଶ ସୁବାସ ବେହେରାଙ୍କ ପୋରହିତ୍ୟରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ରୁପଶ୍ରୀରାଣୀ ଗୁମାନ ସିଂ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କସ୍ତୁରୀବାଳା ଜେନା, ଓରମାସର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ନୀଳକଣ୍ଠ ରଥ, ଉପାଧ୍ୟକ୍ଷ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରତାପ ପଟ୍ଟନାୟକ, ଉପ ନିର୍ଦ୍ଦେଶକ, ନିଯୁକ୍ତି, ଭାରତ ସରକାର ତପନ କୁମାର ରାଉଳ ପ୍ରମୁଖ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ।

ମେଳାରେ ୨୮ଟି ତାଲିମପ୍ରଦାନକାରୀ ନିଯୁକ୍ତି ସଂସ୍ଥା ଓ ୩୦ଟି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକ୍ ରୁ ମୋଟ ୧୮୦୦ ଯୁବକ ଯୁବତୀ ଯୋଗ ଦେଇଥିଲେ। ତନ୍ମଧ୍ୟରୁ ୯୨୦ଜଣ ଯୁବକ ଯୁବତୀ ନିଯୁକ୍ତି ଭିତିକ ତାଲିମ ପାଇଁ ଚୟନ ହୋଇଥିବାବେଳେ ୪୩୫ଜଣ କୁ ନିଯୁକ୍ତିପାଇଁ ଚୟନ କରାଯାଇଥିଲା।

